## ପତ୍ନୀହନ୍ତାକୁ ୧୦ ବର୍ଷ କାରାଦଣ୍ଡ

**ବାରିପଦା, ୧୧।୨(ସମିସ):** ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟରେ ଏକ ପତ୍ନୀହନ୍ତା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ପୂର୍ଣ୍ଣିମା ଜେନା ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର କାରାଦଣ୍ଡ ପ୍ରଦାନ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅନାଦେୟ ଅଧିକ ୬ ମାସର କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୋରଡା ଥାନା ଅନ୍ତର୍ଗତ ଚିକିଟାମାଟିଆ ଗ୍ରାମର ବିଦ୍ୟାଧର ନାଏକ (୭୦)। ଗତ ୨୦୨୨ ମେ ୨୪ ତାରିଖରେ ସେ ତାଙ୍କର ପତ୍ନୀ ପଚନୀଙ୍କୁ ହତ୍ୟା କରିଥିଲେ। ବିଳମ୍ବିତ ରାତିରେ ଉତ୍ତ୍ୟକ୍ତ ଅବସ୍ଥାରେ ଏକ ଠେଙ୍ଗାରେ ପଟିବାରୁ ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପରିବାର ଲୋକେ ଜାଣିବା ପରେ ତାଙ୍କ ପୁଅ ବୀରେନ ମୋରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

**ଅବସରପ୍ରାପ୍ତ ସୈନିକଙ୍କ ପୁନର୍ବାସ ଯୋଜନାରେ ଚାକିରି ପାଇଁ ଲାଞ୍ଚ ଅଭିଯୋଗ**

## ନିଯୁକ୍ତି ସଂସ୍ଥା ଅଧିକାରୀଙ୍କ ବିରୋଧରେ ମାମଲା

**ବାରିପଦା, ୧୧।୨(ସମିସ):** ସେନା ବାହିନୀରୁ ଅବସର ନେଉଥିବା ସୈନିକଙ୍କୁ ପୁନଃ ନିଯୁକ୍ତ କରିବା ନେଇ ଥିବା ପୁନର୍ବାସ ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ନିଯୁକ୍ତି ଦେଉଥିବା ସଂସ୍ଥା ଅଧିକାରୀ ଲାଞ୍ଚ ମାଗିଥିବା ନେଇ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ୭ଜଣ ଅବସରପ୍ରାପ୍ତ ସେନା କର୍ମଚାରୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେନା କର୍ମଚାରୀଙ୍କୁ ପୁନଃ ନିଯୁକ୍ତ ନେଇ ଡିଜିଆର ବିଭାଗ ଯୋଜନା ରହିଛି; ଯାହାକୁ ନେଇ ଅତୁଲ ସାହା ଏଜେନ୍ସି ଦ୍ୱାରା ବାରିପଦା ଓ ରୁପ୍ସା ଏଫସିଆଇରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ସିକୁରୀଟି ଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ ଏଜେନ୍ସିର ହିମାଂଶୁ ମହାଲିକ ଓ ମାଧବାନନ୍ଦ ସ୍ୱାଇଁ ଚାକିରି ପାଇଁ ଲାଞ୍ଚ ମାଗୁଛନ୍ତି। ଏହାର ପ୍ରତିବାଦ କଲେ ନିର୍ଯାତନା ଦେଉଥିବା ନେଇ ଅଭିଯୋଗପତ୍ରରେ ଦର୍ଶାଇଯାଇଛି। ସେନାରୁ ଅବସର ଗ୍ରହଣ ପରେ ପୁନଃ ନିଯୁକ୍ତି ପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ଡିଜିଆର ବିଭାଗ ଦ୍ୱାରା ପୁନର୍ବାସ ଯୋଜନା ରହିଛି। ଯେଉଁଥିରେ ଦୁର୍ନୀତି ହେଉଥିବାର ନେଇ ଅଲ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୂର୍ବରୁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ପୁଲିସଙ୍କୁ ଅଭିଯୋଗ କରିଛନ୍ତି।

## ପୂର୍ଣ୍ଣାହୁତି ପରେ ଯଜ୍ଞସ୍ଥଳରେ ଲାଗିଲା ନିଆଁ

**ରାଇରଙ୍ଗପୁର, ୧୧।୨(ସମିସ):** ବହଳଦା ବ୍ଲକ ଅଞ୍ଚଳ ବିଂଝୁଆ ଗାଁରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ୪ ଦିବସୀୟ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କମିଟି ପକ୍ଷରୁ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସୋମବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି ପରେ ଯଜ୍ଞମଣ୍ଡପରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଯଜ୍ଞ ସ୍ଥାନ ଛାଉଣୀ ପୋଡ଼ି ଯାଇଥିଲା। ପରେ ସ୍ଥାନୀୟ ଲୋକେ ନିଆଁକୁ ଲିଭାଇଥିଲେ। ତେବେ ଏଥିରେ କାହାର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି।

## ଅସ୍ୱାଭାବିକ ମୃତ୍ୟୁକୁ ନେଇ ଥାନାରେ ମାମଲା

**ରାଇରଙ୍ଗପୁର, ୧୧।୨(ସମିସ):** ସୋମବାର ବିଳମ୍ବିତ ରାତିରେ ବସ୍‌ଷ୍ଟାଣ୍ଡ ନିକଟ ମାର୍କେଟର ଜଣେ ବ୍ୟକ୍ତି ଅସୁସ୍ଥ ହେଲା ପରେ ତାଙ୍କୁ ଅନ୍ୟ ଦୋକାନୀମାନେ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସୁକଦେ। ଫୁଲିଆ(୫୨)। ସେ ପଶ୍ଚିମବଙ୍ଗ ହାବଡ଼ା ଥାନା ଫୁଲତଡା ଗାଁର ବୋଲି ଜଣାପଡ଼ିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

## ବାଇକ୍‌ରୁ ପଡ଼ି ମହିଳା ମୃତ

**ରାଇରଙ୍ଗପୁର, ୧୧।୨(ସମିସ):** ସୋମବାର ଅପରାହ୍ନରେ ଜାମଦା ହାଟ ପଡ଼ିଆ ନିକଟ ମୁଖ୍ୟ ମାର୍ଗରେ ଜଣେ ମହିଳା ବାଇକରୁ ଖସିପଡ଼ିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ମହିଳା ଜଣକ ହେଲେ ତାରଣା ଗାଁର ମହନାଜ ବିବି (୫୦)। ଜାମଦା ଥାନା ପୁଲିସ ମୃତଦେହକୁ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ରାଷ୍ଟ୍ରୀୟ ଆଦିବାସୀ ସ୍ୱରାଜ ଅଭିଯାନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କୁଳିଅଣା, ୧୧।୨(ସମିସ):** ଅନ୍ଧାରୀଠାରେ ରାଷ୍ଟ୍ରୀୟ ଆଦିବାସୀ ସ୍ୱରାଜ ଅଭିଯାନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ସଂଗଠନ ସଭାପତି ହମ୍ବ୍ରାଇ ମାର୍ଣ୍ଡିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ବଲାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୀତାମ୍ବର ମଲ୍ଲିକ ଯୋଗ ଦେଇଥିଲେ। ଶରତ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୀତାମ୍ବର ମଲ୍ଲିକ ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ଏହି ସମାରୋହରେ ସଂଗଠନର ସଦସ୍ୟ ସୁକଲାଲ୍ ହେମ୍ବ୍ରମ, କୁନି ମୁର୍ମୁ, ରଥ ହାଁସଦା, ବାଙ୍ଗିମଣି ସୋରେନ, ଗଙ୍ଗାଧର ହେମ୍ବ୍ରମ, ରଘୁ ମାର୍ଣ୍ଡି, ବାଲକ୍ ରାମ ହାଁସଦା ଆଦିବାସୀ ପରମ୍ପରା ଅନୁସାରେ ପୂଜାପାଠ କରିଥିବା ବେଳେ କୋଷାଧ୍ୟକ୍ଷ ବନମାଳି ହାଁସଦା ସହଯୋଗ କରିଥିଲେ। ଶେଷରେ ସଙ୍ଗଠନର ସମ୍ପାଦକ ଲାଦୁରମ୍ ସୋରେନ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଆଦିବାସୀଙ୍କ ନିଆରା ପରମ୍ପରା 'ନେଡା ସାକ୍ରାତ' ପର୍ବ**

# ବିଲୁପ୍ତ ହେବାକୁ ବସିଲାଣି ନୀତି ଓ ପରମ୍ପରା



**ମୋରଡ଼ା, ୧୧।୨(ସମିସ)**

ମୋରଡ଼ା ବ୍ଲକ ଚିତ୍ରଡା ପଞ୍ଚାୟତ ଅନ୍ତର୍ଗତ ବାରୁଡ଼ିହି ଗ୍ରାମରେ ଆଦିବାସୀଙ୍କ ନିଆରା ପରମ୍ପରା 'ନେଡା ସାକ୍ରାତ' ପର୍ବ ବେଶ ଧୂମ୍‌ଧାମରେ ପାଳିତ ହୋଇଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରୁ ଗୋଟିଏ ମାସ ପରେ ଏହି ପର୍ବ ପାଳନ କରିଥାନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ହେଲେ ସମୟ ଅନୁସାରେ ସବୁ ବଦଳି ଗଲାଣି ଏବଂ ବିଲୁପ୍ତ ହେବାକୁ ବସିଲାଣି ନୀତି ଓ ପରମ୍ପରା। କେଉଁ କାଳରୁ ଚାଲି ଆସିଥିବା ଏହି ପର୍ବର ବିଶେଷତ୍ୱ ହେଉଛି ଆଦିବାସୀ ସମ୍ପ୍ରଦାୟର ଝିଅ ଓ ଜ୍ୱାଇଁଙ୍କୁ ଏହି ଦିନରେ ଡାକି ଛେଳି, ମେଣ୍ଢା ଓ କୁକୁଡା ଘରକୁ ନେଇ ନିଜ ସାହି ବସ୍ତିରେ ଭୋଜିଭାତ କରି ଖାଇବାକୁ ଦେବା ସହ ଶଶୁର ଘରକୁ ଫେରିବା ବେଳକୁ ଲୁଗା ପଟା ପ୍ରଦାନ କରିଥାନ୍ତି। ଯେଉଁଥିରେ ଝିଅମାନେ ପ୍ରତିବର୍ଷ ଏହି ଦିନକୁ ଉପଭୋଗ କରିବା ପାଇଁ ଅନାଇ ବସିଥାନ୍ତି। ତେବେ ଚଳିତ ବର୍ଷ ବାରୁଡ଼ିହି ସ୍ପୋର୍ଟିଂ କ୍ଲବ ତରଫରୁ ଗ୍ରାମର ସମସ୍ତ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଛି; ଯାହାକୁ ଦେଖିବା ପାଇଁ ମଧ୍ୟ ପ୍ରବଳ ଭିଡ ହେଉଛି। ବିଲ ପଡ଼ିଆରେ ପଡ଼ିଥିବା ବିଭିନ୍ନ ରକମର ଖେଳଣା ଓ ମିଷ୍ଟାନ୍ନ ଦୋକାନରେ ଗ୍ରାହକଙ୍କ ଭିଡ ଜମୁଛି। ଦୀର୍ଘ ୪ବର୍ଷ ହେବ ଏହି ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆଖପାଖ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ପାଇଁ ଧାବୁଲ ତାମସା ଆୟୋଜନ କରିଥିବା କଥା କହିଛନ୍ତି ବାରୁଡ଼ିହି ସ୍ପୋର୍ଟିଂ କ୍ଲବର ସଭାପତି ଶଙ୍କର ବାସ୍କେ ଓ ବିଜୟ ହେମ୍ବ୍ରମ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପୁରସ୍କାର ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜୟ କୁମାର ପାଲ ଏବଂ ସମ୍ମାନିତ ଅତିଥି ଭାବେ ଚିତ୍ରଡା ସରପଞ୍ଚ ବାଲକ ମାରାଣ୍ଡି ଓ ପୂର୍ବତନ ଶିକ୍ଷକ ନରେନ୍ଦ୍ର ମହାନ୍ତ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ସହରରେ ୧୦ ଘଣ୍ଟା ବିଦ୍ୟୁତ୍ ବିଭ୍ରାଟ

**ବାରିପଦା, ୧୧।୨(ସମିସ):** ସଦର ମହକୁମା ବାରିପଦାରେ ସୋମବାର ରାତିରୁ ମଙ୍ଗଳବାର ଅପରାହ୍ନ ପର୍ଯ୍ୟନ୍ତ ୧୦ ଘଣ୍ଟା ଧରି ବିଦ୍ୟୁତ ବିଭ୍ରାଟ ହୋଇଥିଲା; ଯାହାକି ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାରିପଦା ବିଦ୍ୟୁତ ଡିଭିଜନ ଅନ୍ତର୍ଗତ ଦାରୋଗାଡାହି ପାୱାର ହାଉସରେ ଯାନ୍ତ୍ରିକ ତ୍ରୁଟି ପାଇଁ ସୋମବାର ରାତି ୩ଟା ସମୟରେ ବିଦ୍ୟୁତ ସରବରାହ ବନ୍ଦ ହୋଇଥିଲା; ଯାହାକୁ ନେଇ ଦାରୋଗାଡାହି, ବାଘରାରୋଡ, ବଢେଇ ସାହି, ରଘୁନାଥପୁର, ବଳରାମପୁର, ନିଉ କଲୋନୀ, ୱାର୍ଡ ନମ୍ବର ୧୭ ଓ ୩ ଅଞ୍ଚଳ ଅନ୍ଧାର ରହିଥିଲା। ତେବେ ଫିଡ଼ରରେ କେଉଁଠି ସମସ୍ୟା ରହିଛି, ତାହାକୁ ଧରିବା ପାଇଁ ବିଭାଗୀୟ ଯନ୍ତ୍ରୀ ଜାଣି ପାରିନଥିଲେ। ୧୦ଘଣ୍ଟା ପରେ ବିଦ୍ୟୁତ ସଂଯୋଗ ହୋଇଥିଲା। ଏହାପରେ ପୁଣି କିଛି ସମୟ ପାଇଁ ବିଦ୍ୟୁତ କାଟ ହୋଇଥିଲା। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଟିପିଏନଓଡ଼ିଏଲ ସହାୟତା ନମ୍ବରରେ ଫୋନ କଲେ ମଧ୍ୟ ଉତ୍ତର ମିଳିନଥିଲା। ଏବେଠାରୁ ଏଭଳି ଅବସ୍ଥା ସୃଷ୍ଟି ହେଲାଣି। ଆଗକୁ ପରିସ୍ଥିତି କ'ଣ ହେବ ସେ ନେଇ ଜନସାଧାରଣ ପ୍ରଶ୍ନ କରିଛନ୍ତି। ଉନ୍ନତ ବିଦ୍ୟୁତ ସେବା ଯୋଗାଇବା ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ବାରମ୍ବାର ବିଦ୍ୟୁତ କାଟ କରି ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ପରେ ମଧ୍ୟ ଏପରି ପରିସ୍ଥିତି ଦେଖିବାକୁ ମିଳୁଛି। ଟାଟା ପାୱାର ପକ୍ଷରୁ ଆଧୁନିକ ପଦ୍ଧତିରେ ବିଦ୍ୟୁତ ଯୋଗାଇବା ବ୍ୟବସ୍ଥା ହେଉଥିବା ବେଳେ ବିଦ୍ୟୁତ କାଟ କାରଣ ଜାଣିବା ପାଇଁ ଯନ୍ତ୍ରୀଙ୍କୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି। ଯାହାକି ବିଦ୍ୟୁତ ବିଭାଗର ପାରିବା ପଣିଆ ଉପରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ନିର୍ବାହୀ ଯନ୍ତ୍ରୀ କାହ୍ନୁଚରଣ ସରଦାରଙ୍କୁ ପଚାରିବାରୁ ଅଣ୍ଡରପାସ ବିଦ୍ୟୁତ କେବଲରେ ତ୍ରୁଟିପାଇଁ ମରାମତି ବିଳମ୍ବ ହୋଇଥିଲା ବୋଲି କହିଥିଲେ।

## ସହିଦ ବାବା ତିଲକା ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**ବାରିପଦା, ୧୧।୨(ସମିସ):** ସ୍ୱାଧୀନତା ସଂଗ୍ରାମୀ ସହିଦ ବାବା ତିଲକା ମାଝୀଙ୍କ ୨୭୫ତମ ଜୟନ୍ତୀ ଓ ଅଲଚିକ ଭାଷା ଦିବସର ୧୧୦ତମ ପୂର୍ତ୍ତି ପାଳନ ଅବସରରେ ବାରିପଦା ସହର ନିକଟ ପଦୁଗିରିଶୋଳ ତଥା ତିଲକା ଛକରେ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ମହାଆଡମ୍ବର ମଧ୍ୟରେ ପାଳିତ ହୋଇଛି। କାର୍ଯ୍ୟକ୍ରମର ଉଦ୍ୟୋକ୍ତା ସାଲଖାନ ମାରାଣ୍ଡି ଓ ପୂର୍ବତନ ସରପଞ୍ଚ ଗୌର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବାବା ତିଲକା ମାଝୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମର ମୁଖ୍ୟ ଉଦଘାଟକ ଭାବରେ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମୁଖ୍ୟଅତିଥି ସାରସକଣା ବିଧାୟକ ଭାଦବ ହାଁସଦାଃ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲ ଇଣ୍ଡିଆ ଆସକା ସଭାପତି ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଓଲ ଇଣ୍ଡିଆ ସାନ୍ତାଳୀ ଲେଖକ ସଂଘର ସମ୍ପାଦକ ଅର୍ଜୁନ ହେମ୍ବ୍ରମ, ରଞ୍ଜିତା ମାର୍ଣ୍ଡିଙ୍କ ସମେତ ୪୮ଟି ଗ୍ରାମର ମୁଖ୍ୟ (ମାଝୀ) ଯୋଗଦେଇଥିଲେ। ରାଜ୍ୟର ଦ୍ୱିତୀୟ ଭାଷା ଭାବେ ସାନ୍ତାଳୀ ଭାଷାକୁ ଘୋଷଣା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ଜନସମାଗମ ହୋଇଥିଲା। ଗୋବିନ୍ଦ ମାର୍ଣ୍ଡି, ହେମେନ୍ଦ୍ର ହେମ୍ବ୍ରମ, ଅଜୟ ହାଁସଦାଃ, ବିକ୍ରମ ମାର୍ଣ୍ଡି, ଅଜିତ ଦେ ଓ ଜୀବନ ପ୍ରସାଦ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ରାନ୍ତିକାରୀ ବାବା ତିଲକା ମାଝୀଙ୍କ ଜୟନ୍ତୀ




**ରାଇରଙ୍ଗପୁର/ତିରିଂ, ୧୧।୨(ସମିସ):** ବିଭିନ୍ନ ଆଦିବାସୀ ସଂଗଠନ ଓ ସଂସ୍ଥା ପକ୍ଷରୁ ବାବାତିଲକା ମାଝୀଙ୍କ ୨୭୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ତିରିଂ ବ୍ଲକ ବଡଡାଲିମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧରମଡିହି ଗ୍ରାମରେ ବାବାତିଲକା ମେମୋରିଆଲ କ୍ଲବ ପକ୍ଷରୁ ବାବା ତିଲକା ମାଝୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗ୍ରାମ ପୂଜକଙ୍କ ଦ୍ୱାରା ପୂଜାପାଠ କରାଯିବା ପରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ବାବା ତିଲକା ମାଝୀଙ୍କ ସମେତ ବିଭିନ୍ନ ବୀର ପୁରୁଷଙ୍କ ସ୍ମୃତିଚାରଣ କରାଯାଇଥିଲା। ସେହିପରି ବହଳଦା ବ୍ଲକ ଗିଦିଘାଟୀ ପଞ୍ଚାୟତ ଠାକୁରବାଡିରେ ମଧ୍ୟ ଖେରୱାଲ ରୁସିକ ମାହାଲି ମିଳନ ସଂଘ ପକ୍ଷରୁ ବାବା ତିଲକା ମାଝୀଙ୍କ ଜୟନ୍ତୀ ଅବସରରେ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଗିଦିଘାଟୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଟ୍ରାମହୁଲପାଣି ସ୍ଥିତ ବାବା ତିଲକା ପୁସ୍ତକାଳୟରେ ପ୍ରତିଷ୍ଠାତା ସମ୍ପାଦକ ରାମଦାସ ମୁର୍ମୁଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ସେନାନୀ ବାବା ତିଲକା ମାଝୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ବୀର ପୁରୁଷଙ୍କ ସ୍ୱର୍ଣ୍ଣିମ ଇତିହାସ ରହିଥିବା ସତ୍ତ୍ୱେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ସ୍ୱତନ୍ତ୍ର ସେନାନୀର ମାନ୍ୟତା ପ୍ରଦାନ କରିନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ରାଇରଙ୍ଗପୁରରେ 'ସେବାସ୍ତମ୍ଭ' ତରଫରୁ ବାବା ତିଲକା ମାଝୀଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନ ସାଧାରଣ ସମ୍ପାଦକ ବାଜଲ ମୁର୍ମୁ, ବରିଷ୍ଠ ଉପସଭାପତି ରବୀନ୍ଦ୍ର ମୁଖି, ସହକାରୀ କୋଷାଧ୍ୟକ୍ଷ ଦୀନବନ୍ଧୁ ଗିରି, ଉପସଭାପତି ମୋତ୍ତାର ହୁସେନ, ଆବାହକ ଗୋପାଳକୃଷ୍ଣ ମହାନ୍ତି ଯୋଗ ଦେଇଥିଲେ।

## ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଠାକୁରମୁଣ୍ଡା, ୧୧।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୋଙ୍ଗି ସେବାଶ୍ରମ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ବକ୍ତା ଭାବରେ ପଡ଼ିଆବେଡା ମହାବିଦ୍ୟାଳୟ ଅଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା, କରଞ୍ଜିଆ ଅତିରିକ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଲୋକ କୁମାର ମାଝୀ, ଠାକୁରମୁଣ୍ଡା ଭାରପ୍ରାପ୍ତ ବିଇଓ ସନ୍ତୋଷ କୁମାର ମିଶ୍ର, ବାକରତଳା ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସିଆରସିସି ଏଟିଏସ ବେଲାଲସେନ, ପଡ଼ିଆବେଡା ପଞ୍ଚାୟତର ସଭ୍ୟ ପ୍ରମୋଦ ନାଏକ, ବିଦ୍ୟାଳୟ ଚେୟାରମ୍ୟାନ ପ୍ରଶାନ୍ତ ନାଏକ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସ୍ମୃତିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସୁଶାନ୍ତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରୋହିଦାସ ସିଂ ନାଗଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**କୁଳିଅଣା, ୧୧।୨(ସମିସ):** କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆ ଗ୍ରାମପଞ୍ଚାୟତ ବିର୍ସା ମୁଣ୍ଡା ଖେଳ ପଡ଼ିଆରେ ରୋହିଦାସ ସିଂ ନାଗଙ୍କ ୯୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ରୋହିଦାସ ସିଂ ନାଗଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଆବାହକ ମନୋରଞ୍ଜନ ସିଂ, ସମାଜସେବୀ ସୁନ୍ଦର ମୋହନ ସିଂ, ବଡ଼ସାହି ଏମଏଲସିସି ଅଜିତ କୁମାର ସିଂ, ଚାନ୍ଦୁଆ ଗ୍ରାମପଞ୍ଚାୟତ ସମିତି ମେମ୍ବର ପ୍ରଦୀପ କୁମାର ସିଂ, ପୂର୍ବତନ ସରପଞ୍ଚ ମକରଧ୍ୱଜ ମୁର୍ମୁ, କେଉଁଟୁଣି ସରପଞ୍ଚ ରମେଶ ଚନ୍ଦ୍ର ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଗ୍ରାମର ହଜାର ହଜାର ମୁଣ୍ଡା ସମାଜ ଲୋକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟବାନ ସିଂ, ଶୁଖଦେବ ସିଂ, ରଘୁ ସିଂ, ବିପିନ ସିଂ ପରିଚାଳନା କରିଥିଲେ।

## ଜନଶୁଣାଣି ଶିବିରରେ ହୋହଲ୍ଲା



**କଳାବାଡିଆ, ୧୧।୨(ସମିସ):** ବାଙ୍ଗିରିପୋଷି ବ୍ଲକର କୁସୁମବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଶାସନ ତରଫରୁ ଚୂଡାନ୍ତ ହୋଇଥିଲେ ମଧ୍ୟ ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗୃହ ପାଇ ନ ଥିବାରୁ ହୋହଲ୍ଲା ହୋଇଥିଲା। ସରପଞ୍ଚ ମୀନା ନାଏକ, ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନ, ବିଡ଼ିଓ ଶିବଶଙ୍କର ମୁର୍ମୁ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଜନ ଶୁଣାଣି ଶିବିର ହୋଇପାରି ନ ଥିଲା। ଏପରିକି ପଞ୍ଚାୟତର ସ୍ୱାକ୍ଷର ହେବା ଖାତାକୁ ଗ୍ରାମବାସୀ ଛଡାଇ ନେଇଥିଲେ। ବୈଠକ ଆରମ୍ଭ ହେବା ପୂର୍ବରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ହିତାଧିକାରୀମାନେ ପଞ୍ଚାୟତ ଓ ବିଡ଼ିଓ କାର୍ଯ୍ୟାଳୟରେ ଅଭିଯୋଗ କରି ନୟାନ୍ତ ହୋଇ ପଡ଼ିଲେଣି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଭାବେ ଗଣ୍ଡଗୋଳ ବହୁ ସମୟ ଧରି ଚାଲିଥିଲା। ପରେ ପୁଲିସ ପହଞ୍ଚି ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଛି। ବହୁ ସମୟ ପରେ ପଞ୍ଚାୟତ ତରଫରୁ ଲୋକଙ୍କ ସ୍ୱାକ୍ଷର ଖାତାକୁ ଗ୍ରାମବାସୀ ଫେରାଇ ଦେଇଛନ୍ତି। କିନ୍ତୁ ପଞ୍ଚାୟତରେ ହେବାକୁ ଯାଇଥିବା ଜନ ଶୁଣାଣି ଶିବିର କରାଇ ଦେଇନାହାନ୍ତି ଗ୍ରାମବାସୀ।

**ଫୁଲବାଣୀରୁ ବାରିପଦାକୁ ଲମ୍ବିଛି ଚେର**

## ଗଞ୍ଜେଇ ସହ ଶଶୁରଙ୍କ ସ୍କର୍ପିଓ ଜବତ; ଜ୍ୱାଇଁ ଗିରଫ

**ବାରିପଦା, ୧୧।୨(ସମିସ):** ଶଶୁରଙ୍କ ସ୍କର୍ପିଓରେ ଫୁଲବାଣୀରୁ ବାରିପଦା ଗଞ୍ଜେଇ ଚୋରା ଚାଲାଣ ବେଳେ ପୁଲିସ ହାତରେ ଧରାପଡ଼ିଛନ୍ତି ଜଣେ ଜ୍ୱାଇଁ। ବାରିପଦା ଟାଉନ ଥାନା ପୁଲିସ ସଫଳତାର ସହିତ ତାଙ୍କ ନିକଟରୁ ୨୨ କେଜି ଗଞ୍ଜେଇ ସହ ସ୍କର୍ପିଓଟିକୁ ଜବତ କରିଛି। ଗିରଫ ଜ୍ୱାଇଁ ଜଣଙ୍କ ହେଲେ ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଅଞ୍ଚଳର ମାନୁ ରାୟ। ଅଭିଯୁକ୍ତ ମାନୁଙ୍କ ଶଶୁର ଘର ଫୁଲବାଣୀ ହୋଇଥିବାରୁ ସେ ପୂର୍ବରୁ ସେଠାରୁ ଗଞ୍ଜେଇ ଆଣି ବାରିପଦାରେ କାରବାର କରୁଥିଲେ। ନୁରୁଡ଼ିହି ଅଞ୍ଚଳରେ ନିର୍ଜନ ସ୍ଥାନରେ ଘର କରି ଗଞ୍ଜେଇ ବେପାର କରୁଥିଲେ। ଗଞ୍ଜେଇ ବେପାରରେ ତାଙ୍କ ଶଶୁର ମଧ୍ୟ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଗଞ୍ଜେଇ ଚାଲାଣ ନେଇ ଖବରପାଇ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ନେତୃତ୍ୱରେ ଏକ ଟିମ୍ ନୁରୁଡ଼ିହିଠାରେ ଚଢ଼ଉ କରିଥିଲେ। ରାସ୍ତାରେ କଡ଼ରେ ଛିଡା ହୋଇଥିବା ସ୍କର୍ପିଓରୁ ୨୨ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇର ବଜାରମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରାଯିବ। ଫୁଲବାଣୀରୁ ବାରିପଦାକୁ ଗଞ୍ଜେଇ ବେପାରୀଙ୍କ ଚେର ଲମ୍ବିଛି। ତେବେ ଏହାର ମୂଳ ପର୍ଯ୍ୟନ୍ତ ଯାଇ କିଙ୍ଗପିନକୁ ଗିରଫ ପାଇଁ ବାରିପଦା ଟାଉନ ଥାନା ପୁଲିସ ଅଧିକ ତଦନ୍ତ ଚଳାଇଛି।



SVM ସାଇ ବିଦ୍ୟା ମନ୍ଦିର
ODIA MEDIUM SCHOOL (CLASS I TO X)
HIGHER SECONDARY SCHOOL (SCIENCE& ARTS)
MBJ. 2ND TOPPER 93.2% MAYANK MAYAM KUMAR SCIENCE-2024
MBJ. TOPPER 93.2% MADHUSMITA MOHANTA ARTS-2024
MBJ. 2ND TOPPER 93.2% DIBYAJYOTI MAL ARTS-2024
MBJ. 3RD TOPPER 93.2% ABHINAS BEHERA MATRIC-2024
REGISTRATION GOING ON !
360 VIEW OF OUR NEW CAMPUS
PIONEERING EXCELLENCE : SVMIANS QUALIFY IN NEET & OUAT
JYOTI IN 2024 · SNEHA IN 2024 · SUVAM IN 2024 · PRATIKSHYA IN 2023 · JYOTIRANJAN IN 2023
ENTRANCE FOR ODIA MEDIUM
Nursery to Class - VII
on Dt - 09.03.2025
At : Bijayramchandrapur Near Aviram Mandir, Gosala Chhaka Road, Baripada, MBJ
ENTRANCE FOR ODIA MEDIUM
Class - VIII to Class - XI (SC. & Arts)
on Dt - 16.03.2025
At : New Campus, Kailash Chandrapur, Kathpal, Baripada, Mayurbhanj
9439667645, 9692393616, 9853886431,9658061929, 8917304203, 9583606816

# ଟାଟା ପାୱାର ବିରୋଧରେ ଦାବିପତ୍ର



**କରଞ୍ଜିଆ, ୧୧।୨(ସମିସ):** ଦେଶର ପ୍ରଥମ ରାଜ୍ୟ ଭାବରେ ଓଡ଼ିଶା ୧୯ ୯୦ ଦଶକରେ ବିଜୁଳି ଯୋଗାଣ ଓ ଉତ୍ପାଦନ ବ୍ୟବସ୍ଥାକୁ ଘରୋଇକରଣ କରି ଏକ ନୂଆ କ୍ରାନ୍ତି ଆଣିଥିଲା। ହେଲେ ତିନି ଦଶନ୍ଧି ମଧ୍ୟରେ ଓଡ଼ିଶାର ବିଜୁଳି କ୍ଷେତ୍ର ଆଶାନୁରୂପ ପ୍ରଗତି କରିପାରିନାହିଁ। ଅନ୍ୟ ରାଜ୍ୟ ତୁଳନାରେ ପଛରେ ପଡ଼ିଛି। ବିଦ୍ୟୁତ ଯୋଗାଣ, ବିଜୁଳିର ମାନ ଓ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି। ଇତି ମଧ୍ୟରେ ରାଜ୍ୟର ବିଜୁଳି ବ୍ୟବସ୍ଥା ସରକାରଙ୍କ ନିୟନ୍ତ୍ରଣ ହରାଇ କମ୍ପାନୀ ରାଜର କରାୟତ୍ତ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାକୁ ଯେଉଁ ବିଦ୍ୟୁତ ନିୟମକ ଆୟୋଗ ବ୍ୟବସ୍ଥା ରହିଛି ତାହା ଆଜି ସାଧାରଣ ଜନତାଙ୍କ ନିମ୍ନତମ ସ୍ୱାର୍ଥରକ୍ଷାରେ ସହାୟକ ହୋଇପାରି ନ ଥିବା ଅଭିଯୋଗ ହେଉଛି। ଏହାର ଏକ ଉଦାହରଣ ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି। ଆଜି ଏ ନେଇ ଏକ ୮ ଦଫା ଦାବିପତ୍ର ଜିଲ୍ଲାବାସୀଙ୍କ ତରଫରୁ ଭଞ୍ଜସେନା ପକ୍ଷରୁ ଜିଲ୍ଲା ଉପସଭାପତି ଏମ୍. ଫିରଜ ଓ ପାଞ୍ଚପିଡ଼ ସଂଯୋଜକ ଅରୁଣ ବେହେରାଙ୍କ ନେତୃତ୍ୱରେ ଉପଖଣ୍ଡ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତରେ ବରିଷ୍ଠ କିରାଣି ମଞ୍ଜୀଶ୍ରୀ ଦାସଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆଗାମୀ ୧୫ ଦିନରେ ଏହି ଦାବି ଉପରେ ସରକାର ପଦକ୍ଷେପ ନହେଲେ ଜନଆନ୍ଦୋଳନ ରୂପ ନେବା ସହିତ ଭଞ୍ଜସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ସମୟରେ ଦୀପକ୍ କୁମାର୍ ମହାନ୍ତ, ରଞ୍ଜନ କୁମାର୍ ଦାସ୍, ସୁଗ୍ରୀବ ମହାନ୍ତ, ପ୍ରମୋଦ ଦାସ, ଅଭିନାସ ବାରିକ୍, ମୋହିତ୍ ଦାସ୍, ମଧୁସୂଦନ କେଶରୀଙ୍କ ସମେତ ଭଞ୍ଜସେନାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦେବେନ୍ଦ୍ରପୁର ଅଞ୍ଚଳରେ ପାନୀୟ ଜଳସଂକଟ

# ଗରା, ବାଲ୍‌ଟି ରଖି ବାସିନ୍ଦାଙ୍କ ରାସ୍ତା ଅବରୋଧ

ବାରିପଦା, ୧୧।୨(ସମିସ)

ଗ୍ରୀଷ୍ମଋତୁ ପ୍ରାରମ୍ଭ ପୂର୍ବରୁ ବାରିପଦାରେ ପାନୀୟ ଜଳ ସଂକଟ ଦେଖାଦେଲାଣି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନିଆଯାଉ ନାହିଁ କି କୌଣସି ସମାଧାନ ହେଉନି। ଯାହାକୁ ନେଇ ସମସ୍ୟାର ସମାଧାନ ଦାବିରେ ବାରିପଦା ସହର ବାସିନ୍ଦା ରାସ୍ତାରେ ଗରା, ବାଲ୍‌ଟି ରଖି ଅବରୋଧ କରିଛନ୍ତି। ଦେବେନ୍ଦ୍ରପୁର ଛକରେ ମଙ୍ଗଳବାର ଅବରୋଧ କରିଛନ୍ତି। ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୨୫ର ଦେବେନ୍ଦ୍ରପୁର ଅଞ୍ଚଳରେ ୨୫ ବର୍ଷ ପୂର୍ବେ ପମ୍ପ ହାଉସ ନିର୍ମାଣ ହୋଇଥିଲା। ସେତେବେଳେ ୨୦୦ ଘରକୁ ପାଣି ଯୋଗାଇଥିବା ବେଳେ ବର୍ତ୍ତମାନ ୱାର୍ଡ ନମ୍ବର ୨୫ ଓ ୨୭ର ୭୦୦ରୁ ଊର୍ଦ୍ଧ୍ୱ ଘରକୁ ପାଣି ଯୋଗାଉଛି। ସମୟକ୍ରମେ ଘର ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଗୋଟିଏ ପମ୍ପ ହାଉସ ପାଣି ଯୋଗାଇବା ସମ୍ଭବ ହେଉନି।



ତେଣୁ ୪ଟି ପମ୍ପ ହାଉସ ଆବଶ୍ୟକତା ଥିବା ବେଳେ ୱାଟକୋ ବିଭାଗ ଗୋଟିଏରେ କାମ ଚଳାଇଛନ୍ତି; ଯାହାକୁ ନେଇ ଅନେକ ସମୟରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳୁଛି। ତେବେ ଗତ ସପ୍ତାହରୁ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଗୋଟିଏ ପାଣିପମ୍ପର ଚାବି ନଷ୍ଟ ହୋଇଯାଇଥିବା କାରଣରୁ ଗତ ସପ୍ତାହରୁ ଅଧିକ ସମୟ ଧରି ପାଣି ପମ୍ପଟି ସମ୍ପୂର୍ଣ୍ଣ ବନ୍ଦ ହୋଇରହିଥିଲା। ଫଳରେ ଶତାଧିକ ଘରକୁ ପାଣି ଯୋଗାଣ ବନ୍ଦ ହୋଇଥିଲା। ଦାୟିତ୍ୱରେ ଥିବା ୱାଟକୋ ଅଧିକାରୀ ଓ କର୍ମଚାରୀଙ୍କୁ ବାରମ୍ବାର ସ୍ଥାନୀୟ ଲୋକେ ଏବଂ କାଉନସିଲର ଅବଗତ କରାଇବା ପରେ ବି ସମସ୍ୟାର ସମାଧାନ ନ ହେବା କାରଣରୁ ଆଜି ଶତାଧିକ ମହିଳା ଓ ପୁରୁଷ ଗଗରା ବାଲଟି ଧରି ଦେବେନ୍ଦ୍ରପୁର ଠାରେ ରାସ୍ତା ଅବରୋଧ କରିଥିଲେ। ବହୁ ବୁଝାସୁଝା ପରେ ମଧ୍ୟ ସମସ୍ୟାର ସମାଧାନ ନହେବା ଯାଏଁ ରାସ୍ତାରୋକରୁ ହଟିବେ ନାହିଁ ବୋଲି କହିଥିଲେ। ବାରିପଦା ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ପମ୍ପ ହାଉସର ଚାବି ଭାଙ୍ଗି ପାଣି ଯୋଗାଣ ବ୍ୟବସ୍ଥା କରିଥିଲେ। ପରେ ରାସ୍ତାରୋକ ହଟିଥିଲା। ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ପାଇଁ ଅନ୍ୟ ଏକ ପମ୍ପ ହାଉସ କରିବା ପାଇଁ କାଉନସିଲର ଦେବାଶିଷ ପାତ୍ର ଦାବି କରିଛନ୍ତି। ଏହାର ସମାଧାନ କରି ପମ୍ପ ହାଉସ କରିବା ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଗକୁ ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

## ବାବା ତିଲ୍‌କା ମାଝୀଙ୍କ ଜୟନ୍ତୀ ପାଳିତ

# ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଘୋଷଣା ପାଇଁ 'ମାରିସା'ର ଦାବି

**ବାରିପଦା, ୧୧।୨(ସମିସ):** ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ପକ୍ଷରୁ ମଙ୍ଗଳବାର ମହାନ ସ୍ୱାଧୀନତା ସଂଗ୍ରାମୀ ବାବା ତିଲ୍‌କା ମାଝିଙ୍କ ଜୟନ୍ତୀ ହୋଲି ପ୍ୟାଲେସ୍ ତକତପୁରଠାରେ ପାଳିତ ହୋଇଯାଇଛି। ଏଥିରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ମୁଖ୍ୟଅତିଥି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାସମାତ୍ ହେମ୍ବ୍ରମ୍ ମୁଖ୍ୟବକ୍ତା, ଯୁବ ନେତା ଲିଟୁ ବାସ୍କେ ଏବଂ ଜିଲ୍ଲା ଉପ ସଭାପତି ରବୀନ୍ଦ୍ର ମାର୍ଣ୍ଡି ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାରିସାର ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନ କରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗତ ୧୮୧୭ ବିଦ୍ରୋହର ୧୦୦ ବର୍ଷ ପୂର୍ବରୁ ୧୭୮୧ ମସିହାରୁ ୧୭୮୪ ପର୍ଯ୍ୟନ୍ତ ବ୍ରିଟିଙ୍କ ବିରୋଧରେ ଲଢ଼ିଥିଲେ ଏବଂ ଶେଷରେ ୧୭୮୫ ମସିହାରେ ଭାଗଲପୁର ଆଦିମପୁରରେ ସେ ସହିଦ ହୋଇଥିଲେ।




ଏହା ସତ୍ତ୍ୱେ ତାଙ୍କୁ ଭାରତ ଇତିହାସରେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଥମ ସହିଦର ମାନ୍ୟତା ମିଳିନାହିଁ। ତେଣୁ ଏବେ ଘୋଷଣା କରିବାକୁ ମାରିସା ପକ୍ଷରୁ ଦାବି କରାଯାଇଛି। ଦାବି ମଧ୍ୟରେ ବାରିପଦାଠାରେ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ, ଯେଉଁମାନଙ୍କ ମାତୃଭାଷା ସାନ୍ତାଳୀ ସେମାନେ ସମସ୍ତେ ୨୦୨୫ ସୁଦ୍ଧା ଅଲଚିକି ଲିପି ସାନ୍ତାଳୀ ଭାଷାରେ ଲେଖା ପଢ଼ି ପାରୁଥିବା, ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନ ସୁନିଶ୍ଚିତ, ମୟୂରଭଞ୍ଜରେ ସାନ୍ତାଳୀ ଶିକ୍ଷା ପରିଷଦ ବା ସାନ୍ତାଳୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ନାମ ଫଳକରେ ଉଭୟ ଓଡିଆ, ଇଂରାଜୀ ସହିତ ଅଲଚିକିରେ ଲେଖିବା, ସାନ୍ତାଳୀ ସାହିତ୍ୟ ଏକାଡେମୀ ଖୋଲିବା, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରାଇବାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା, ସାନ୍ତାଳୀ ସଙ୍ଗୀତ ନାଟକ ଏକାଡେମୀ, ସୁନାରାମ ସୋରେନ ସାନ୍ତାଳୀ ପାଠାଗାର ପ୍ରତିଷ୍ଠା କରାଯିବା, ଓଡ଼ିଶାରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ବା ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ ଆଦି ପ୍ରସଙ୍ଗ ରହିଛି। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମାର୍ଣ୍ଡି, ଜିଲ୍ଲା ଉପ ସଭାପତି ରବୀନ୍ଦ୍ର ମାର୍ଣ୍ଡି, ନବ ମାର୍ଣ୍ଡି, ମୁକେଶ ମାର୍ଣ୍ଡି, ଅଜିତ୍ ନାଏକ, ଲମ୍ବୋଦର ମାଝୀ, ସତ୍ୟଜିତ୍ ମହାନ୍ତ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ




**ବାରିପଦା/ଶୁଳିଆପଦା, ୧୧।୨(ସମିସ):** ଶୁଳିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସ ୨୦୨୪-୨୫ କ୍ୟାମ୍ପୋରୀ ବୁଧବାର ଉଦଯାପିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମର ଉଦଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶୁଳିଆପଦା ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ ଯୋଗ ଦେଇ ସ୍କାଉଟ୍ସ ଓ ଗାଇଡ୍ସମାନେ ସୃଜନଶୀଳତା ବିକାଶ, ସୁଦୃଢ ମନୋବଳ, ଉନ୍ନତ ଚିନ୍ତାଧାରା ପରିପ୍ରକାଶ କରି ରାଜ୍ୟ ଓ ଜାତୀୟସ୍ତରରେ ଉନ୍ନତମାନର ପୂର୍ଣ୍ଣବ୍ୟକ୍ତିତ୍ୱ ପରିଦର୍ଶନ କରି ଓଡ଼ିଶାର ନାମ ରଖିବା ପାଇଁ ପ୍ରତ୍ୟେକ ସ୍କାଉଟ୍ସ ଗାଇଡ୍ସମାନେ ସଂକଳ୍ପ ନେବା ପାଇଁ କହିଥିଲେ। ଜିଲ୍ଲା ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ତିନି ଦିନର ସଫଳ କ୍ୟାମ୍ପରୀ କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଶୁଳିଆପଦା ବ୍ଲକର ସମାଜସେବୀ ତଥା କ୍ରୀଡ଼ାବିତ ଶଶିଭୂଷଣ ଟିପିରିଆ, ଜିଲ୍ଲା କମିଶନର (ସ୍କାଉଟ୍ସ) ସନ୍ତୋଷ କୁମାର କାସ୍ତ, ପୂର୍ବତନ ଜିଲ୍ଲା ପ୍ରଶିକ୍ଷକ କମିଶନର (ସ୍କାଉଟ୍ସ) ଶରତଚନ୍ଦ୍ର ମହାନ୍ତ, ପୂର୍ବତନ ଜିଲ୍ଲା ସଂଗଠନ କମିଶନର (ଗାଇଡ୍ସ) ମଞ୍ଜୁଲି ଦେ, ଜିଲ୍ଲା ସଂଗଠନ କମିଶନର (ସ୍କାଉଟ୍ସ) ବିଜୟ କୁମାର ପାଣିଗ୍ରାହୀ, ଜିଲ୍ଲା ସ୍କାଉଟ୍ସ ରିପ୍ରେଜେଣ୍ଟିଭ ଚିତ୍ତରଞ୍ଜନ ପଳତା, ଶୁଳିଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସର କ୍ୟାମ୍ପରୀରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ଆୟୋଜକ ବିଦ୍ୟାଳୟର ସ୍କାଉଟ୍ସ ମାଷ୍ଟର ବିକାଶ କୁମାର ନାୟକ, ସମସ୍ତ ସେଣ୍ଟ୍ରାଲ ଅଫିସିଆଲ, ବିଭିନ୍ନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଫିସିଆଲ ଏବଂ ରୋଭୋରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ସପନ କୁମାର ଦାଶ ଅତିଥି ପରିଚୟ ଦେଇଥିଲେ। ସୁଲୋଚନା ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ସଂଘକୁ ମିଳିଲାନି ସରକାରୀ ଅନୁଦାନ

**ବେତନଟୀ, ୧୧।୨(ସମିସ):** ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରୀ ପଞ୍ଜୀକୃତ ବିଭିନ୍ନ ସମାଜସେବୀ ବରିଷ୍ଠ ନାଗରିକ ସଂଗଠନକୁ ୫୦ ହଜାର ଟଙ୍କା ଲେଖାଏଁ ରାଜ୍ୟର ୩୭ଟି ସଂଘ ନିମନ୍ତେ 'ଅବଦାନ' ଯୋଜନାରେ ମଞ୍ଜୁର କରିଥିଲେ। ତଦନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ୯ଟି ସଂଗଠନ ନିମନ୍ତେ ୫୦ ହଜାର ଲେଖାଏଁ ମୋଟ ସାଢେ ୪ ଲକ୍ଷ ଟଙ୍କା ଆଜକୁ ଦେଢ ବର୍ଷ ହେବ ଆସିଥିବା ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ବେତନଟୀ ସିଭିଲ ସୋସାଇଟିର ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ବହୁବାର ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାପରେ ମଧ୍ୟ ଏହାର ବଣ୍ଟନ ହୋଇପାରିନାହିଁ। ତେବେ ଉକ୍ତ ଟଙ୍କା କିଭଳି କାର୍ଯ୍ୟରେ ଖର୍ଚ୍ଚ ହେବ ସେ ନେଇ ଜିଲ୍ଲା କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଉପରିସ୍ଥ ଭୁବନେଶ୍ୱର କାର୍ଯ୍ୟାଳୟକୁ ଜଣାଇଛନ୍ତି। ଯେହେତୁ ପୁଣି ମାର୍ଚ୍ଚମାସ ଆସି ଯାଇଛି ଓ ଟଙ୍କାର ବିନିଯୋଗପତ୍ର ଦେବାକୁ ପଡ଼ିବ, ଏଣୁ ଯଥାଶିଘ୍ର ଉକ୍ତ ଟଙ୍କା ବଣ୍ଟନ ନିମନ୍ତେ ନିଜେ ମଧ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ନାମରେ ଅନୁରୋଧ ପତ୍ରଟିଏ ନିକଟରେ ସିଭିଲ ସୋସାଇଟି, ବେତନଟୀ ତରଫରୁ ପ୍ରେରଣ କରାଯାଇଥିବା ଶ୍ରୀ ମହାନ୍ତି ଜଣାଇଛନ୍ତି। ତେଣୁ ବିଳମ୍ବ ନକରି ତୁରନ୍ତ ଟଙ୍କା ସଂଗଠନଗୁଡିକୁ ଦେବାର ବ୍ୟବସ୍ଥା କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି।

## ବିଜେଡି ନେତା ରଘୁନାଥ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

# ଝୀନ ଭାଇ ଥିଲେ ଯୁବ ଛାତ୍ରଙ୍କ ଦେବଦୂତ

**ବାରିପଦା, ୧୧।୨(ସମିସ):** ବାରିପଦା ବିଜୁ ଭବନରେ ବିଜେଡିର ଦିବଂଗତ ନେତା ରଘୁନାଥ ମହାନ୍ତି (ଝୀନ)ଙ୍କ ନବମ ବାର୍ଷିକ ଶ୍ରାଦ୍ଧ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ଏମସିସି ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ପୂର୍ବତନ ନଗରପାଳ ଜୀତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତି ଯୁବଛାତ୍ରଙ୍କ ଦେବଦୂତ ଥିଲେ। ବିଜୁବାବୁ ଏବଂ ପରେ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ମୟୂରଭଞ୍ଜ ଜିଲାରେ ବିଜେଡିକୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ ସିଲର ଅନନ୍ତ ଦାସ, ପ୍ରଭାତି ପୃଷ୍ଟି, ଦେବାଶିଷ ପାତ୍ର, ଜିତା ସିଂ, ପୂଜା ତରେଇ, ମହେଶ ଭଞ୍ଜଦେଓ, ଅନୁରାଧା ମହାନ୍ତି, ନିରୋଜ ସାହୁ, ପ୍ରଭାତ ମହାନ୍ତି, ସନ୍ତୋଷ ପଟ୍ଟନାୟକ, ସରୋଜ ବୋଷ, ପ୍ରଭାତ ନାୟକ, ଶୈଳେନ୍ଦ୍ର ପାତ୍ର, ଡ଼ କିଶୋର ପାତ୍ର, ସ୍ୱରୂପ ଦାସ, ଲଲାଟେନ୍ଦୁ ବେହେରା, ମଳୟ ଜେନା, ବିଜେଡି ଯୁବସଭାପତି ଅରୁଣ ବାରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ସଭାପତି ଦିପ୍ତୀଲତା ମିଶ୍ର, ଅମର ସେଠି, ଛତିଶ ମହାକୁଡ଼, ରତ୍ନାକର ବେହେରା, ସୁଧୀର ବାରିକ, ସନ୍ଦିପ ପତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍

# ରାଇରଙ୍ଗପୁର ବିଜୟୀ



**ବାରିପଦା, ୧୧।୨(ସମିସ):** ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ମ୍ୟାଚରେ ବୁଧବାର ରାଇରଙ୍ଗପୁର କ୍ଲବ ମୟୂରଭଞ୍ଜ (ଏ)କୁ ୧୪୯ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର ୩୫-୩୫ ଓଭରରେ ୯ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଏମ ବାଲକୃଷ୍ଣ ୭୭ ଓ ଅମନ ମହାନ୍ତି ୬୭ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ ମହାନ୍ତ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମୟୂରଭଞ୍ଜ (ଏ) ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୫ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ କୌଣସି ଖେଳାଳି ସଫଳ ହୋଇନଥିବା ବେଳେ ବିପକ୍ଷ ଦଳର ମାନସ ରଞ୍ଜନ ପଟ୍ଟନାୟକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଡିଆରକେ (ଏ) ଓ ରାଇରଙ୍ଗପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

## ଏନ୍‌ଆଇସି ପକ୍ଷରୁ ନିରାପଦ ଇଣ୍ଟରନେଟ୍ ଦିବସ ପାଳିତ

# ଲୋଭ ଓ ଭୟରୁ ଦୂରରେ ରହିବାକୁ ପରାମର୍ଶ

ବାରିପଦା, ୧୧।୨(ସମିସ)

କେନ୍ଦ୍ର ଇଲେକ୍ଟ୍ରୋନିକସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଏନଆଇସି ଆନୁକୂଲ୍ୟରେ ନିରାପଦ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ ଓ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇଥିଲେ। ଏନଆଇସିର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଧିକାରୀ ତଥା କର୍ମଚାରୀଙ୍କୁ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ 'ଉତ୍ତମ ଇଣ୍ଟରନେଟ ପାଇଁ ଏକତ୍ରିତ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ମହାପାତ୍ର କ ଦିବସ ପାଳନର ମୁଖ୍ୟ ଉଦେଶ୍ୟ ଜନସାଧାରଣ, ଯୁବସମାଜ, ଛାତ୍ରଛାତ୍ରୀ ତଥା ସମାଜର ସବୁ ବର୍ଗର ଲୋକଙ୍କୁ ସଚେତନ




କରି ଇଣ୍ଟରନେଟର ସଠିକ ପ୍ରୟୋଗ ଦ୍ୱାରା ଏହାର ବ୍ୟବହାର ମାଧ୍ୟମରେ ଯେଉଁ ସବୁ ଠକେଇର ଶିକାର ହେଉଛନ୍ତି ସେଥିରୁ ମୁକ୍ତି ପାଇବା ମୁଖ୍ୟ ବୋଲି ସୂଚାଇଥିଲେ। ଆଜିର ବ୍ୟସ୍ତ ବହୁଳ ଜୀବନ ଶୈଳୀରେ ବ୍ୟକ୍ତିଗତ ସ୍ତରରେ ହେଉ କିମ୍ବା ସରକାରୀ ସ୍ତରରେ ହେଉ ଅବା ସାମାଜିକ ସ୍ତରରେ ହେଉ ଦୈନନ୍ଦିନ ଜୀବନରେ ପ୍ରତ୍ୟେକଙ୍କ ପାଇଁ ଇଣ୍ଟରନେଟର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ମାତ୍ର ଏହାର ବ୍ୟବହାର ସମୟରେ ଆମେ ଯଦି ଉପଯୁକ୍ତ ସତର୍କତା ଅବଲମ୍ବନ ନକରିବା ତେବେ ଆମେ ଠକେଇର ଶିକାର ହେବା। ଏହି ଠକେଇ ଶିକାରର ମୁଖ୍ୟ କାରଣ ହେଉଛି ଲୋଭ ଓ ଭୟ। ଠକେଇରୁ ଦୂରେଇ ରହିବା ପାଇଁ ସେ ଓଟିପି, ପିନ, ଆଧାର, ପ୍ୟାନ କିମ୍ବା ସମ୍ବେଦନଶୀଳ ବିବରଣୀ ପ୍ରକାଶ ନକରିବା, ଅନଧିକୃତ ଆଧାର ଦେୟ ବିଜ୍ଞାପନ ବିଷୟରେ ସତର୍କ ରହିବା, ଅଜ୍ଞାତ ନମ୍ବରରୁ ଆସିଥିବା ଲିଙ୍କ ଉପରେ କେବେ ବି କ୍ଲିକ ନ କରିବା, ଅଜଣା ନମ୍ବରରୁ ବ୍ୟକ୍ତିଗତ ସୂଚନା କିମ୍ବା ଟଙ୍କା ପାଇଁ ନିବେଦନ କରୁଥିବା ଲୋକଙ୍କଠାରୁ ଦୁରେଇ ରହିବା, କ୍ୟୁଆର କୋଡ଼ ସ୍କାନ କରିବା କିମ୍ବା ପେମେଣ୍ଟ ଗ୍ରହଣ କରିବା ପାଇଁ ଓଟିପି / ପିନ ସେୟାର ସମୟରେ ସାବଧାନ ରହିବା, ଅନଲାଇନ କିମ୍ବା ସାମାଜିକ ଗଣମାଧ୍ୟମରେ ନିଜର ବ୍ୟକ୍ତିଗତ ସୂଚନା ନଦେବା, ଉଚ୍ଚ ରିଟାର୍ଣ୍ଣ ସହିତ ଅନଲାଇନ ନିବେଶ ଠାରୁ ଦୂରେଇ ରହିବା, ନିଜ ମୋବାଇଲରେ ଥିବା ଆପଗୁଡିକ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା, ଗିରଫ ହେବା ଭୟରେ ମିଛ ଭିଡିଓ କଲ କିମ୍ବା ଭଏସ କଲ ଉପରେ ବିଶ୍ୱାସ ନ କରି ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆଦି ଉପରେ ଉଲ୍ଲେଖ କରିଥିଲେ। ଯଦି କୌଣସି ସାଇବର ଠକେଇର ଶିକାର ହୁଅନ୍ତି ତେବେ ତୁରନ୍ତ ଟୋଲ ଫ୍ରି ୧୯୩୦ ନମ୍ବରକୁ କଲ୍ କରି ସୂଚିତ କରାଇବା ପାଇଁ ପରାମର୍ଶ ଦେଇଥିଲେ।

## ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ନ ପାଇ ହିତାଧିକାରୀ ହନ୍ତସନ୍ତ

କପ୍ତିପଦା, ୧୧।୨(ସମିସ): କପ୍ତିପଦା ବ୍ଲକ ମାଙ୍କଡପଡ଼ା ଗ୍ରାମ ପଞ୍ଚାୟତରେ ହିତାଧିକାରୀ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ନ ପାଇ ହନ୍ତସନ୍ତ ହେଉଛନ୍ତି। ପଞ୍ଚାୟତରୁ ଥୁନୁ ବିନ୍ଧାଣି, ଗୁରା ମାରାଣ୍ଡି, ଫାଗୁ ମୁର୍ମୁ, ସୂର୍ଯ୍ୟ ହେମ୍ବ୍ରମ ଓ ସଞ୍ଜୟ ଟୁଡୁ ଏ ନେଇ ଅଭିଯୋଗ କରିଥିଲେ। ସରପଞ୍ଚ କ୍ଷେତ୍ରମୋହନ ଟୁଡୁଙ୍କୁ ଯୋଗାଯୋଗ କରିବାରୁ ୩୦ ଜଣ ହିତାଧିକାରୀ ଏବେ ଆବେଦନ କରିଛନ୍ତି। ଆହୁରି ୨୦ ଜଣରୁ ଅଧିକ ଲୋକ ଅଛନ୍ତି ବୋଲି କହିଥିଲେ। ପୂର୍ବରୁ ଏ ବାବଦକୁ ଟଙ୍କା ଆସିବା ବିଳମ୍ବ ହେଲେ ବି ଆମ୍ଭେ ପଞ୍ଚାୟତର ଟଙ୍କାକିଆ ଚାଉଳ ଟଙ୍କା କିମ୍ବା ଅନ୍ୟ କୌଣସି ଟଙ୍କାରୁ ଦେଉଥିଲୁ। ଏବେ ସରକାର ଚାଉଳ ବିନା ପଇସାରେ ଯୋଗାଇ ଦେବାରୁ ପଞ୍ଚାୟତର କୌଣସି ଗଛିତ ଅର୍ଥ ନ ଥିବାରୁ ହରିଶ୍ଚନ୍ଦ୍ର ଅର୍ଥ ପ୍ରଦାନ କରାଯାଇପାରୁନାହିଁ। ପଞ୍ଚାୟତରେ ୫୦ରୁ ଅଧିକ ଲୋକ ପାଇବାରୁ ବଞ୍ଚିତ ରହିଛନ୍ତି। ବ୍ଲକରେ ମୋଟ ୨୨୨ ଜଣ ଦରଖାସ୍ତ କରିଥିଲେ ଟଙ୍କା ପାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରମୋଦ ରଞ୍ଜନ ନାୟକଙ୍କୁ ପଚାରିବାରୁ ପଞ୍ଚାୟତର ଯେ କୌଣସି ଅର୍ଥରୁ ଏହା ପ୍ରଦାନ କରାଯାଇପାରିବ ବୋଲି କହିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବେତନଟୀ, ୧୧।୨(ସମିସ): ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତଙ୍କୁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସଠିଲୋ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ସଂଘର ରାଜ୍ୟ ଉପସଭାପତି ସୁନୀଲ ବୋଡ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଅପର୍ଣ୍ଣା ସାହୁ, ଅବସରପ୍ରାପ୍ତ ଏବିଇଓ ରତ୍ନାକର ବେହେରା, ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ମହାନ୍ତ, ମିଳିତ ଶିକ୍ଷକ ସଂଘର ସମ୍ପାଦକ ଭବେଶ ପାଣିଗ୍ରାହୀ, ପୂର୍ବତନ ବିଆରସିସି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, କୋଷାଧ୍ୟକ୍ଷ ଶୈଳେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବିଦାୟୀ ଏବିଇଓ ଶ୍ରୀ ମହାନ୍ତଙ୍କ ଗୁଣାଗାନ କରିଥିଲେ। କାର୍ଯ୍ୟକ୍ରମରେ ଲଳିତ କୁମାର କଟୁଆଳ, କୃପାସିନ୍ଧୁ ମହାନ୍ତ, ହରେନ୍ଦ୍ର ଭୂୟାଁ, ରଶ୍ମିତା ଭୂୟାଁ, ସ୍ୱାଗତିକା ନାୟକ, ସଜୟ କୁମାର ରାଉତ, ବସନ୍ତ ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷକ ଗିରିଜା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଶୁକ୍ଳି/ରରୁଆଁ, ୧୧।୨(ସମିସ): ରରୁଆଁ ଗ୍ରାମର ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ବିଦ୍ୟାଧର ମହାନ୍ତ (୮୧)ଙ୍କ ଶନିବାର ରାତିରେ କେନ୍ଦୁଝର ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି ଏବଂ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ତାଙ୍କ ସମୟରେ ବଡ଼ରରୁଆଁ ପ୍ରାଥମିକ ବିଦ୍ୟାଳୟର ପିଲାମାନେ ନବୋଦୟ, ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିଲେ। ସେହିପରି ସେ ନବଜ୍ୟୋତି ସାହିତ୍ୟ ସଂସଦର ସହ ସମ୍ପାଦକ ମଧ୍ୟ ଥିଲେ। ତାଙ୍କୁ ବହୁ କବି ସମ୍ମିଳନୀରେ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଅବସର ପରେ ସରସ୍ୱତୀ ଶିଶୁ ମନ୍ଦିରର ସଭାପତି, ଉପଦେଷ୍ଟା ହୋଇ କାର୍ଯ୍ୟ ତୁଲାଉଥିଲେ। ସେ ରରୁଆଁ ବ୍ଲକର ବରିଷ୍ଠ ନାଗରିକ ସଙ୍ଘର କାର୍ଯ୍ୟକାରୀ ସଦସ୍ୟ ମଧ୍ୟ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଆନ୍ତଃରାଜ୍ୟ 'କୁଜୁ ଡ୍ୟାମ୍'ର ଭାଗ୍ୟ ଫିଟିବ କେବେ ?

# ଆନ୍ତରିକତା ଅଭାବରୁ ଜଳପ୍ରକଳ୍ପ ଅଧପନ୍ତରିଆ

ବହଳଦା, ୧୧।୨(ସମିସ): ଗଦାଗଦା ପ୍ରତିଶ୍ରୁତିରେ ହଜିଯାଇଛି ଆନ୍ତଃ ରାଜ୍ୟ ଜଳପ୍ରକଳ୍ପ କୁଜୁ ଡ୍ୟାମର ପରିଚୟ। ଓଡ଼ିଶା-ଝାରଖଣ୍ଡ ରାଜ୍ୟ ସୀମାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବହୁମୁଖୀ ପ୍ରକଳ୍ପ-୧ ନିୟନ୍ତ୍ରଣରେ ଥିବା ଏହି ପ୍ରକଳ୍ପ (କୁଜୁ ଡ୍ୟାମ) ଅଗ୍ରଗତି ନେଇ ଆଶା ଆଶଙ୍କାରେ ରହିଛି। ଏହା କେବଳ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରବଞ୍ଚନା ଆଉ ପ୍ରତାରଣା। ମୟୂରଭଞ୍ଜର ପ୍ରକୃତିରାଣୀ ଶିମିଳିପାଳରୁ ବାହାରିଥିବା ଖଡଖାଇ ପାଣିକୁ ସଂରକ୍ଷଣ କରି ବିସ୍ତୀର୍ଣ୍ଣ ଅଞ୍ଚଳକୁ ଜଳସେଚନ ଲକ୍ଷ୍ୟ ରଖି ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା; ହେଲେ ଦୀର୍ଘ ୪୫ ବର୍ଷ ପରେ ବି ଅନିଶ୍ଚିତତା ମଧ୍ୟ ଦେଇ ଗତିକରୁଛି। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପର ଅଗ୍ରଗତି ନେଇ ସରକାରଙ୍କ ଫାଇଲ ତଳେ ଚାପିହୋଇ ରହିଛି। ସରକାରଙ୍କ ଉପଯୁକ୍ତ ବ୍ୟୟବରାଦ ଓ ଅନୁଦାନ ସମ୍ଭବ ହେଉ ନ ଥିବା କିମ୍ବା କେନ୍ଦ୍ର ସରକାର ସମେତ ଝାରଖଣ୍ଡ ଓ ଓଡ଼ିଶା ସରକାରଙ୍କ ଆନ୍ତରିକତା ଅଭାବରୁ ଏହି ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଅହେତୁକ ବିଳମ୍ବ ହେଉଛି। ଏହି ଡ୍ୟାମ ନିର୍ମାଣ ହେଲେ ସ୍ଥାନୀୟ ଅଞ୍ଚଳ ସମେତ ତଳମୁଣ୍ଡରେ ରହୁଥିବା ଝାରଖଣ୍ଡ ଓ ଓଡ଼ିଶା ଚାଷୀ ଉପକୃତ ହେବେ। ପ୍ରକଳ୍ପ ନିର୍ମାଣରେ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଚାଷୀଙ୍କ କ୍ଷେତକୁ ଆଜିଯାଏ ପାଣି ପହଞ୍ଚିପାରିନାହିଁ। ଗତ ୧୯୮୦-୮୧ରେ ପ୍ରସ୍ତାବିତ ଏହି ପ୍ରକଳ୍ପ ବହୁ ବିଳମ୍ବରେ ୧୯୯୯-୨୦୦୦ ମସିହାରେ ଅନୁମୋଦନ ପାଇଥିଲା। ଏଥିପାଇଁ ୨୮.୬୫ କୋଟି ଅଟକଳ ରଖାଯାଇଥିଲା। ମୟୂରଭଞ୍ଜ ଜିଲ୍ଲା ସଂଲଗ୍ନ ଝାରଖଣ୍ଡର ଚାଇଁବସା ନିକଟ ଇଚାଗାଁ (ଏଟାହାତମ, କେଶରଏସା) ନିକଟରେ ପ୍ରକଳ୍ପ ନିର୍ମାଣ ହେବାର ସ୍ଥିର ହୋଇଥିଲା। ଏହା ନିର୍ମାଣ ହୋଇଥିଲେ ପ୍ରାୟ ୩.୬ ଲକ୍ଷ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରିଥାନ୍ତା। ଏହି ପ୍ରକଳ୍ପ ଦ୍ୱାରା ମୋଟ ୮.୪୯୮ ହେକ୍ଟର ଅଞ୍ଚଳ ପ୍ରଭାବିତ ହେବାକୁ ଥିବା ବେଳେ ପାଖାପାଖି ୭୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ତେବେ ପ୍ରକଳ୍ପ ଦ୍ୱାରା ୨୮ ହଜାରରୁ ୩୦ ହଜାର ଲୋକ ପ୍ରଭାବିତ ହେବା ଆଶଙ୍କାରେ ଗତ ୧୯୮୨ରେ ପ୍ରକଳ୍ପ ନେଇ ବିବାଦ ମୁଣ୍ଡ ଟେକିଥିଲା। ବିସ୍ଥାପିତ ସଂଘ, ଇଚା ଖଡକେଇ ବନ୍ଧ ବିରୋଧୀ ଓ ସୁର୍ମିଧର୍ମୀ ୱେଲ୍‌ଫେୟାର କମିଟି ନିର୍ମାଣକୁ ବିରୋଧ କରିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶା ଓ ଝାରଖଣ୍ଡର ମୋଟ ୧୨୩ଟି ଗ୍ରାମର ପ୍ରାୟ ୫୦ ହଜାର ଲୋକ କ୍ଷତିଗ୍ରସ୍ତ ହେବେ ବୋଲି ୧୯୮୨ ମସିହା ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା।



ମୟୂରଭଞ୍ଜର ସୀମାନ୍ତ ତିରିଙ୍ଗ ବ୍ଲକର ବଡନାରାଣୀ, କୁଲୁଘୁଟୁ, ଲୁପୁଙ୍ଗ, ପଣ୍ଡୁପାଣି ଓ ଜାମଦା ବ୍ଲକର ବଡଡୁହୁ ପଞ୍ଚାୟତର ୩୬ଟି ଗ୍ରାମ ଏହାଦ୍ୱାରା ପ୍ରଭାବିତ ହେବ। ଫଳରେ ପ୍ରଭାବିତ ଗାଁଗୁଡ଼ିକରେ ମଧ୍ୟ ପ୍ରକଳ୍ପ ନିର୍ମାଣକୁ ତୀବ୍ର ବିରୋଧ ହୋଇଥିଲା। ତେବେ ପ୍ରଥମ ପର୍ଯ୍ୟାୟରେ ୧୯୯୦ ମସିହାରେ ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ଏହା ସମ୍ପୂର୍ଣ୍ଣ ହୋଇଥିଲେ ଅନାବୃଷ୍ଟି ଓ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ଭାବେ ଜଣା ଝାରଖଣ୍ଡ ଓ ଓଡ଼ିଶାର ବହୁ ଗାଁ ଉପକୃତ ହୋଇଥାଆନ୍ତା। କେବଳ ଜଳସେଚନ ପାଇଁ ନୁହେଁ, ହାଇଡ୍ରୋ ପ୍ଲାଣ୍ଟ ନିର୍ମାଣ କରି ଲୋକଙ୍କ ଆବଶ୍ୟକ ବିଦ୍ୟୁତ ଉତ୍ପାଦନ ଏହାର ଲକ୍ଷ୍ୟ ଥିଲା; କିନ୍ତୁ ଅଧାପନ୍ତରିଆ ଭାବେ ପ୍ରକଳ୍ପ ସବୁଦିନ ପାଇଁ ଚାପି ହୋଇରହିଗଲା। ସରକାରଙ୍କ ଦିଶାହୀନ ନିଷ୍ପତ୍ତି ଓ ଅପରିଣାମଦର୍ଶୀ ପଦକ୍ଷେପ ପାଇଁ ଡିଭିଜନ ଓ ସବଡିଭିଜନ କାର୍ଯ୍ୟାଳୟ ଉଠାଇ ନିଆଯାଇଥିବାରୁ ଆଜିଯାଏ ଡ୍ୟାମ ନିର୍ମାଣ ନେଇ ଅନିଶ୍ଚିତତା ସ୍ପଷ୍ଟ ଜଣାପଡୁଛି। ଫଳରେ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଆଶା, ସ୍ୱପ୍ନ ମଉଳି ଯାଇଛି।

## ପୂର୍ଣ୍ଣଚନ୍ଦ୍ରପୁର କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

ବାରିପଦା, ୧୧।୨(ସମିସ): ବାରିପଦା ପୌର ପରିଷଦ ଅନ୍ତର୍ଗତ ୧୫ ନଂ. ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପିସିପୁର କ୍ଲଷ୍ଟର ସ୍ତରୀୟ 'ନିପୁଣ ଓଡ଼ିଶା' ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଧନଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ନିରୁପମା ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚୁମକି ବେହେରା ଅତିଥି ଭାବେ ଯୋଗ ଦେଇ ଶିଶୁର ଗୁଣାତ୍ମକ ଶିକ୍ଷର ବିକାଶ ପାଇଁ ନିପୁଣ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଅତିଥି ପରିଚୟ ଓ ସିଆରସିସି ଶ୍ରୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ମେଳାରେ କ୍ଲଷ୍ଟରର ୯ଟି ବିଦ୍ୟାଳୟର ୧ମରୁ ୩ୟ ଶ୍ରେଣୀର ୧୪୦ ଜଣ ଛାତ୍ରଛାତ୍ରୀ, ଏଫଏଲଏନ ଶିକ୍ଷୟିତ୍ରୀ ତଥା ୯୦ଜଣ ଅଭିଭାବକ ଅଂଶଗ୍ରହଣ କରିଥିଲେ। ନିପୁଣ ଓଡ଼ିଶା ଥିମ ସଙ୍ଗୀତରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ ଓ ଛାତ୍ରଛାତ୍ରୀ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନାତ୍ମକ କାର୍ଯ୍ୟକଳାପ ଓ ମତାମତ ଷ୍ଟଲ ବୁଲି ଦେଖିଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## କବି ସନ୍ତୋଷ ଚୌଧୁରୀଙ୍କ ତିରୋଧାନ ଦିବସ

ବାରିପଦା, ୧୧।୨(ସମିସ): ଓଡିଆ କାବ୍ୟ ଜଗତକୁ କବି ସନ୍ତୋଷ ଚୌଧୁରୀଙ୍କ ଅବଦାନ ଅତୁଳନୀୟ। ଆଧ୍ୟାତ୍ମ ସାହିତ୍ୟଠୁ ଆରମ୍ଭ କରି ଗୀତି କବିତା, ପ୍ରବନ୍ଧ, ଗଳ୍ପ ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରିବାରେ



ସେ ସିଦ୍ଧହସ୍ତ ଥିଲେ ବୋଲି ତାଙ୍କ ୧୦ମ ତିରୋଧାନ ଦିବସ ଅବସରରେ ଆୟୋଜିତ ସ୍ମୃତିରେ ଆୟୋଜିତ ସନ୍ତୋଷ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶୁଭଶଙ୍ଖ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଆଲୋଚନା ଚକ୍ରରେ ଅନୁଷ୍ଠାନର ସଭାପତି ଡଃ ତରୁଣ କୁମାର ଓଝା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସମସ୍ତେ ସନ୍ତୋଷଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପରେ ସାଇପ୍ରକାଶ ମହାନ୍ତି ବେଦପାଠ କରିଥିଲେ। ଏହା ପରେ ଅନୁଷ୍ଠିତ ଆଲୋଚନାଚକ୍ରରେ କବି ସନ୍ତୋଷ କୁମାର ଚୌଧୁରୀଙ୍କ ସମ୍ପର୍କରେ ଶ୍ରୀ ଓଝା, କବୟିତ୍ରୀ ବାସନ୍ତୀ ଲତା ମହାପାତ୍ର, ଶିକ୍ଷାବିତ୍ ତଥା କବି ଅମିତାଭ ମିଶ୍ର, ସ୍ୱର୍ଗତଃ ସନ୍ତୋଷଙ୍କ ସାନ ଭାଇ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଡଃ ଯୋଗେନ୍ଦ୍ର ପାଣ୍ଡା, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ, କ୍ରୀଡାବିତ୍ କୁମାର ରଞ୍ଜନ ପଣ୍ଡା, ମନୋଜ ଦାଶ, ଶିକ୍ଷାବିତ୍ କୈବଲ୍ୟ ପ୍ରସାଦ ମହାପାତ୍ର, କୋମଳ ଲୋଚନ ମହାକୁଡ, ସମାଜସେବୀ ଆର୍ଯ୍ୟଭଟ୍ଟ ମହାନ୍ତି, ଆକାଶବାଣୀର ଘୋଷକ ସତ୍ୟାନନ୍ଦ ସେଜପଡ଼ାଙ୍କ ସମେତ ବହୁ ସନ୍ତୋଷ ପ୍ରେମୀ ଯୋଗ ଦେଇଥିଲେ। ଶେଷରେ ପ୍ରଫେସର ଡଃ ସରୋଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ କର୍ମଶାଳା

ବାରିପଦା, ୧୧।୨(ସମିସ): ସୁରକ୍ଷିତ ଇଣ୍ଟରନେଟ ଦିବସ ଅବସରରେ ସାମ୍ପ୍ରତିକ ସ୍ଥିତିରେ ଇଣ୍ଟରନେଟ ବ୍ୟବହାର କ୍ଷେତ୍ରରେ ଅନେକ ଠକେଇ, ତଞ୍ଚକତା ଓ ବିଭିନ୍ନ ବିପଦକୁ ଦୃଷ୍ଟିରେ ରଖି ସ୍ଥାନୀୟ ଏମପିସି ସ୍ୱୟଂଶାସିତ କଲେଜରେ ଏ ନେଇ ଏକ ସଚେତନତା ମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଟୁ ଗେଦର୍ ଫର ଏ ବେଟର ଇଣ୍ଟରନେଟ' ଏହି କର୍ମଶାଳାର ବିଷୟ ଥିଲା। ବାରିପଦାର କଲେଜର ଆଇକ୍ୟୁଏସି ସେଲ ଓ ନ୍ୟାସନାଲ ଇନଫରମେଟିକ୍‌ସ୍ ସେଣ୍ଟରର ମିଳିତ ସହଭାଗିତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବିଷୟ ବିଶାରଦ ଭାବରେ ଜିଲ୍ଲା ଏନଆଇସିର ଯୁଗ୍ମ ନିର୍ଦ୍ଦେଶକ ଅଜୟ କୁମାର ମହାପାତ୍ର ଯୋଗଦେଇ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାରର ବିଭିନ୍ନ ଦିଗ ବିଦିଗ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଇଣ୍ଟରନେଟ ଠକେଇର ତିନୋଟି ପ୍ରମୁଖ ପଦ୍ଧତି ଫିସିଂ, ଭିସିଂ ଏବଂ ସ୍ମିସିଂ ସମ୍ପର୍କରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ



ସବିଶେଷ ସଚେତନ କରାଯାଇ ଥିଲେ। ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ସଂଯୋଜକ ଦେବାଶିଷ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଆଇକ୍ୟୁଏସି ଉପ ସଂଯୋଜକ ଡ. ସିଦ୍ଧେଶ୍ୱର ପର୍ଦ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର



ବେତନଟୀ, ୧୧।୨(ସମିସ): ବେତନଟୀ ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଆୟୋଜିତ ହୋଇଯାଇଛି। ସରପଞ୍ଚ ପାନମଣୀ ମୁର୍ମୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ କୁମାର ସୂତାର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ଇଂ ସୌମ୍ୟଶ୍ରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପ୍ରଧାନଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ରାଜସ୍ୱ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ସ୍ୱଚ୍ଛଭାରତ ମିଶନ, ଯୋଗାଣ, ଶିଶୁ ଓ ମହିଳା ଉନ୍ନୟନ ବିଭାଗ, ସାମାଜିକ ସୁରକ୍ଷା, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅଭିଯୋଗ ଗୁଡିକୁ ପଞ୍ଜୀକୃତ କରାଯାଇଥିବା ବେଳେ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କୁ ତଦନ୍ତ ପୂର୍ବକ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିଚାଳନାରେ ଯୋଗାଣ ସହାୟକ ରାଜେଶ ଶାହୁଙ୍କ ସମେତ ଏଡିଇଓ ଏବଂ ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

## ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର/ହାଟବାଦଡା, ୧୧।୨ (ସମିସ): ବାଦାମପାହାଡ଼ ବନାଞ୍ଚଳ ତରଫରୁ ଉପରବେଡା ଗ୍ରାମପଞ୍ଚାୟତ ଏଦେଲବେଡା ଗ୍ରାମରେ ଶନିବାର ଅପରାହ୍ନରେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ଶିବପ୍ରସାଦ ରଥଙ୍କ ନିର୍ଦ୍ଦେଶକ୍ରମେ ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଦାମପାହାଡ଼ ବନାଞ୍ଚଳ ଅଧିକାରୀ ଅଜିତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଟବାଦଡା ସେକ୍ସନର ବନପାଳ ରତିକାନ୍ତ ପଲେଇ, ବନପାଳ ମାନସରଞ୍ଜନ ମହାକୁଡ଼, ବନପାଳ ଫୁଲମଣି ମହାନ୍ତ ଉପସ୍ଥିତ ହୋଇ ଜଙ୍ଗଲକୁ ନିଆଁ ଦାଉରୁ କେମିତି ସୁରକ୍ଷା କରାଯାଇପାରିବ ଏବଂ ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ବନବିଭାଗକୁ ସୂଚନା ଦେବାପାଇଁ ଆହ୍ୱାନ କରିଥିଲେ।

### ଦିଶୋମ୍ ପାଞ୍ଜା ଗୁରୁ ନେପେଲ୍ ଦିବସ ପାଳିତ

# ଆଦିବାସୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା

ରାଇରଙ୍ଗପୁର, ୧୧।୨(ସମିସ): ଚଳିତ ବର୍ଷ ଦାଣ୍ଡବୋଷରେ ଅଲଚିକି ଲିପି ସ୍ରଷ୍ଟା ପାର୍ସୀ ସିଞ୍ଚ୍ ଚାନ୍ଦ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଗୁରୁଦର୍ଶନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ୱର୍ଗତ ମୁର୍ମୁଙ୍କ ସମାଧିସ୍ଥଳରେ ଓଡ଼ିଶା, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ତଥା ବିଦେଶରୁ ଆଦିବାସୀ ସମ୍ପ୍ରଦାୟ ଲୋକେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରେ ଆଦିବାସୀମାନେ ପ୍ରାର୍ଥନା କରି ସାନ୍ତାଳୀ ଭାଷା, ଲିପି, ସଂସ୍କୃତିକୁ ଉଜ୍ଜୀବିତ ରଖିବା ନିମନ୍ତେ ଶପଥ ନେଇଥିଲେ। ମଙ୍ଗଳବାର ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଗୁରୁଦର୍ଶନ ଦିବସରେ ସକାଳୁ ହଜାର ହଜାର ଶ୍ରଦ୍ଧାଳୁ ଦାଣ୍ଡବୋଷର ଡାହାରଡିହିଠାରେ ଫଳ, ଧୂପ ସହିତ ପୂଜା ସାମଗ୍ରୀ ନେଇ ଗୁରୁପୂଜା କରିଥିଲେ। ଓଲ ଚିକି ଲିପି ସ୍ରଷ୍ଟା ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରସିଦ୍ଧ ବିବୃତ୍ତି ସାନ୍ତାଳୀ ଭାଷାରେ ଓଲ୍ ତାମ ମେନାଆଃ, ରୋଳ ତାମ ମେନାଆ୍, ଧରମ ତାମ ମେନାଆ୍, ତୋବେ ଦୋ ଆମ ହୋ ମେନଃମା, ଓଲ୍ ଏମ୍ ଆଦ୍ ଲେରେ, ରୋଲ୍ ଏମ୍ ଆଦ୍ ଲେରେ, ଧରୋମ ଏମ୍ ଆଦ୍ ଲେରେ, ଆମ୍ ହୋମ ଆଦୋଆଃ। ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସନ୍ତାଳୀ ଭାଷାରେ ଏହି ଧାଡିର ଅର୍ଥ ହେଉଛି ଧର୍ମ, ଭାଷା ଏବଂ ଲିପି ବିନା ସାନ୍ତାଳୀ ସମ୍ପ୍ରଦାୟର ଅସ୍ତିତ୍ୱ ନାହିଁ। ପୁରୁଷ ଓ ମହିଳା ମାନେ ନିକଟସ୍ଥ ପୋଖରୀରେ ସ୍ନାନ କରିବା ପରେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳରେ ପହଞ୍ଚି ବସ୍ତ୍ର, ଫୁଲ ଏବଂ ସିଗାରେଟ୍ ଅର୍ପଣ ସହିତ ଆଦିବାସୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ସମେତ ରାଇରଙ୍ଗପୁର ବିଧାୟକ ଉପସ୍ଥିତ ଥିଲେ। ଏହା ପରେ ସାନ୍ତାଳୀଙ୍କ ଧାର୍ମିକ ଗ୍ରନ୍ଥ ହିତାଲ୍‌ର ସାମୂହିକ ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ବିଭିନ୍ନ ରାଜ୍ୟରୁ ଆସିଥିବା ଆଦିବାସୀ ମହିଳା ଏବଂ ପୁରୁଷମାନେ ମାଦଳ ଓ ଧାମସା ତାଳରେ ପରମ୍ପରାଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଭୀମୱାର ମୁର୍ମୁ ସମେତ ପରିବାର ସଦସ୍ୟ ଏବଂ ଆଦିବାସୀ ସମ୍ପ୍ରଦାୟ ବହୁ ଲୋକ ଯୋଗଦେଇଥିଲେ।



## ଚମ୍ପାଇ ସୋରେନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଡ଼ଡାଳିମା, ୧୧।୨(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଡାଳିମାଠାରେ ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଷଢେଇକଳା ଖରସୁଆଁର ବିଜେପି ବିଧାୟକ ଚମ୍ପାଇ ସୋରେନଙ୍କୁ ମଙ୍ଗଳବାର ବିଜେପି କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ଫାଗୁରାମ ମାରାଣ୍ଡି, ରଜତ ସାହୁ, ମୁନା ବାରିକ, ନିରୁ ମହାପାତ୍ର, ଅଞ୍ଜନ ଗିରି, ଶଙ୍କର ଲୋହାର, ରତନ ମହାନ୍ତ, ସଞ୍ଜୀବ ମହାପାତ୍ର, ନିର୍ମଳ ମହାପାତ୍ର ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେ ବଡ଼ଡାଳିମାରେ ପହଞ୍ଚିବା ପରେ ସାଧାରଣ ଲୋକଙ୍କ ସ୍ଥିତି ଏବଂ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବରୁ ସେ ବଡ଼ଡାଳିମା ଗ୍ରାମ ପାଇଁ ସହଯୋଗ କରିଥିବା ମଧ୍ୟ ନଜିର ରହିଛି। ବର୍ତ୍ତମାନ ତିରିଙ୍ଗ ବ୍ଲକର ସମସ୍ତ ସାଧାରଣ ଜନତା ପାଇଁ ମୁଁ ପାଖେ, ପାଖେ ଅଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।



## ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡସାହି, ୧୧।୨(ସମିସ): ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କୃପାସିନ୍ଧୁ ମହାକୁଡ ଅଧ୍ୟକ୍ଷତା କରିଥିବାବେଳେ ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି, ମୁଖ୍ୟବକ୍ତା କବି ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି ଧାମନଗର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପବିତ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପାଶ୍ଚାତ୍ୟ ଅପସଂସ୍କୃତି, ଅପଶିକ୍ଷାରେ ଅନୁପ୍ରାଣିତ ହେବା ଯୋଗୁଁ ଯୁବପିଢ଼ିଙ୍କ ମଧ୍ୟରେ ସେବା, ଦେଶପ୍ରେମ, ମାନବିକତା, ନୈତିକତା ଲୋପ ପାଇବାକୁ ବସିଛି। ଭାରତୀୟ ସଂସ୍କୃତି, ସଭ୍ୟତା, ଅନୁଶାସନକୁ ମାନିବାକୁ ଏମାନେ ନାରାଜ। ସନାତନ ଧର୍ମକୁ ରକ୍ଷା କରିବାକୁ ହେଲେ ଗ୍ରାମୀଣ ସଂସ୍କୃତି ପୁନରୁତ୍ଥାନ ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତନ, ଜ୍ଞାନ ଆହରଣ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଫେସର ଫକିର ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଛନ୍ତି। ଅଧ୍ୟାପକ ବିନୋଦ କୁମାର ପରିଡ଼ା ଅତିଥି ପରିଚୟ ଦେଇଥିଲେ। ଶେଷରେ ଡ. ଜୀବନ କୁମାର ପଣ୍ଡିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଧୂମସା' ପରିବେଷଣ ହୋଇଥିଲା।



## ଝାଡ଼େଶ୍ୱର ଉଚ୍ଚବିଦ୍ୟାଳୟରେ +୨ ପାଠ୍ୟକ୍ରମ ଦାବି



**ଆନନ୍ଦପୁର, ୧୧।୨(ସମିସ):** ଆନନ୍ଦପୁର ଅଞ୍ଚଳର ଅନ୍ୟତମ ପୁରାତନ ଝାଡ଼େଶ୍ୱର ଉଚ୍ଚବିଦ୍ୟାଳୟରେ +୨ ଶିକ୍ଷାଦାନ ପାଇଁ ସରକାରୀ ଅନୁଦାନ ପ୍ରଦାନ କରାଯାଉ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଆନନ୍ଦପୁର ଗସ୍ତ କାଳରେ ଘସିପୁରା ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାପ୍ରେମୀ ଓ କେତେକ ଅଭିଭାବକ ସମେତ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ମୃତ୍ୟୁଞ୍ଜୟ ସାହୁ, ବରିଷ୍ଠ ନାଗରିକ କ୍ଷେତ୍ରବାସୀ ସାହୁ, ଭଗବାନ ସାହୁ, ତ୍ରିଲୋଚନ ସାହୁ, ସୁମିତ୍ରା ସାହୁ, ହରିହର ସାହୁ, କାଉନସିଲର ଉର୍ବଶୀ ସାହୁ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ ମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଅଞ୍ଚଳର ଛାତ୍ରଚାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ସାଇଁକୁଳ, ବେଲବାହାଳି, ଶାଳବଣୀ, କଣ୍ଟିପାଳ, ରେକୁଟିଆ, ବାଟୋ ଆଦି ଅଞ୍ଚଳକୁ ପ୍ରାୟ ୧୫ କିଲୋମିଟର ଯାଉଥିବାରୁ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ରାଜ୍ୟ ସରକାର ଉଚ୍ଚଶିକ୍ଷାର ପ୍ରୋତ୍ସାହନ ପାଇଁ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟରେ +୨ ଶ୍ରେଣୀ ଖୋଲିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ବାବା ତିଲକା ମାଝୀଙ୍କ ୨୭୬ତମ ଜୟନ୍ତୀ



କେନ୍ଦୁଝର, ୧୧।୨(ସମିସ): କେନ୍ଦୁଝର ଜିଲ୍ଲା ଆନ୍ଦପୁର ବ୍ଲକ ଅନ୍ତର୍ଗତ ମନୋହରପୁର ବଡ଼ କୁଶପଦା ଆଦିବାସୀ ସାହିରେ ମହାନ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ୨୭୬ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ତିଲକା ମାଝୀ ୧୭୫୦ ଫେବୃଆରୀ ୧୧ ତାରିଖ ବିହାର ରାଜ୍ୟର ସୁଲତାନଗଞ୍ଜଠାରେ ଜନ୍ମ ଗ୍ରହଣ କରିଥିଲେ। ୧୭୮୫ ମସିହା ଜାନୁଆରୀ ମାସ ୧୩ ତାରିଖ ଦିନ ତାଙ୍କୁ ଦେଶଦ୍ରୋହ ଅପରାଧରେ ବ୍ରିଟିଶ ସରକାର ଫାଶୀ ଦଣ୍ଡ ଦେଇଥିଲେ। ମଙ୍ଗଳବାର ତାଙ୍କ ଜୟନ୍ତୀ ସମଗ୍ର ଦେଶରେ ସାନ୍ତାଳୀ ସମ୍ପ୍ରଦାୟର ଆଦିବାସୀ ଭାଇଭଉଣୀ ପାଳନ କରି ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଏହି ଅବସରରେ ସାନ୍ତାଳୀ ସମ୍ପ୍ରଦାୟର ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜାଇ ହୋଇ ପୂଜାର୍ଚ୍ଚନା କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମାଜସେବୀ ଗାମାଏ ରୀମିଲ ଗୋଇପାଇ ସ୍ୱତନ୍ତ୍ର ଅତିଥି ଭାବରେ ବାବା ତିଲକା ମାଝୀଙ୍କ ତ୍ୟାଗ ଓ ବଳିଦାନର ଗାଥା ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଭାଇଭଉଣୀ ଯୋଗଦେଇଥିଲେ।

## କେଶଦୁରାପାଳରେ ସମର୍ପଣ ଦିବସ



**ଆନନ୍ଦପୁର, ୧୧।୨(ସମିସ):** ଘସିପୁରା ନିର୍ବାଚନମଣ୍ଡଳୀର କେଶଦୁରାପାଳ ଶକ୍ତିକେନ୍ଦ୍ରରେ ମଣ୍ଡଳ ପ୍ରତିନିଧି ଜୟନ୍ତ ସେଠୀଙ୍କ ସଭାପତିତ୍ୱରେ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ନେତା ଡ. ଶମ୍ଭୁନାଥ ରାଉତ, ଅତିଥି ଭାବେ ପ୍ରଣବ ପୁହାଣ, ଅଧିକାରୀ ମହାରଣା, ଅଲେଖ ସାହୁ, ଦାଶରଥି ସୋରେନ ଓ ସୁଧାଂଶୁ ବିଶ୍ୱାଳ ଯୋଗ ଦେଇଥିଲେ। ପଞ୍ଚାୟତର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟିକା ଗୋଷ୍ଠୀ ମାତା ଭାରତୀଙ୍କ ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ଦିନଦୟାଲ ଉପାଧ୍ୟାୟଙ୍କ ସମର୍ପିତ ଜୀବନର ବଳିଦାନ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମାନସ ଶା, ରଞ୍ଜନ ସାହୁ, ରମେଶ ସାହୁ, କାମପାଳ ଓଝା, ଜ ଟ ପୂର୍ତ୍ତି, କାମପାଳ ଓଝା, ବିନୋଦ ମହାରଣା, ଭାନୁମତୀ ସାହୁ, ଆତୁଲ ରଣା, ଗୀତାଞ୍ଜଳି ଓଝା, ସସ୍ମିତା ଓଝା ଏବଂ ଶତାଧିକ ପୁରୁଷ ମହିଳା ଯୋଗ ଦେଇଥିଲେ।

ଧରଣୀଧର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସ୍ଥାପନା ଦିବସ

# ବିକାଶ ଓ ପରିବର୍ତ୍ତନର ବାହକ ହୁଅନ୍ତୁ ଛାତ୍ରଛାତ୍ରୀ

କେନ୍ଦୁଝର,୧୧।୨(ସମିସ)

କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟର ୨ୟ ସ୍ଥାପନା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ସୃଜନଶୀଳତାର ବିକାଶ ସହ ବିଶ୍ୱ ପରିବର୍ତ୍ତନର ବାହକ ହୁଅନ୍ତୁ ବୋଲି ଛାତ୍ରସମାଜକୁ ଆହ୍ୱାନ ଦେଇଥିଲେ। ନିଜ ଭିତରେ ଥିବା ଭିନ୍ନତା ତୁମ ପାଇଁ ସ୍ୱାତନ୍ତ୍ର ଆଣିଦେଉ ବୋଲି ସେ ପ୍ରକାଶ କରିଛନ୍ତି। ନିଜକୁ ସଂସ୍କାରିତ ନାଗରିକ ଭାବେ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି। ବିଶ୍ୱବିଦ୍ୟାଳୟକୁ ଡିଗ୍ରୀ ପ୍ରଦାନର ଏକ ମେସିନ ନ ଭାବି ଏହାକୁ ଉତ୍କର୍ଷର ଏକ ଜ୍ଞାନମନ୍ଦିର ଭାବେ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଛନ୍ତି। ନିଜ ବକ୍ତବ୍ୟରେ ଅଭାବ, ଅସୁବିଧା ଓ ପ୍ରତିକୂଳ ପରିସ୍ଥିତି ଆଗକୁ ଯିବାକୁ ପ୍ରେରଣା ଯୋଗାଏ ବୋଲି ସେ କହିବା ସହ ସମସ୍ତ ପ୍ରସ୍ତୁତି ପାଇଁ କେବଳ ଅଧ୍ୟାପକମାନଙ୍କର ଯେ ନିଷ୍ଠା ଆବଶ୍ୟକ ତାହା ନୁହେଁ ତାହା ଛାତ୍ରଛାତ୍ରୀ ଓ ଗୁରୁଙ୍କ ମିଳିତ ଉଦ୍ୟମ ବୋଲି ସେ ପ୍ରକାଶ କରିଥିଲେ। ଅଧିକରୁ ଅଧିକ ସଂଖ୍ୟାରେ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସୁନାମଧନ୍ୟ କର୍ମନିଯୁକ୍ତି



ସଂସ୍ଥାରେ ଯୋଗ ଦିଅନ୍ତୁ ବୋଲି ସେ ପ୍ରକାଶ କରିଥିଲେ। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ଉତ୍ତର ପରିସର ବା ନର୍ଥ କ୍ୟାମ୍ପସଠାରେ ଅନୁଷ୍ଠିତ ଏହି ସମାରୋହରେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ତଥା ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡ. ପ୍ରତାପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ୨୦୨୩ ଫେବୃୟାରୀ ୧୧ତାରିଖରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ବିଜ୍ଞପ୍ତି ସଂଖ୍ୟା ୬୦୩୮ ତା ୧୧.୦୨.୨୦୨୩ରେ ମାନ୍ୟତା ପାଇଥିଲା। ଏବେ ବିଶ୍ୱବିଦ୍ୟାଳୟର ଦୁଇଟି କ୍ୟାମ୍ପସ ରହିଥିବାବେଳେ ପୁରୁଣାସହିର ସୁଲେଇଖମାର କ୍ୟାମ୍ପସକୁ ଧରଣୀଧର ବିଶ୍ୱବିଦ୍ୟାଳୟ ସାଉଥ କ୍ୟାମ୍ପସ ବା ଦକ୍ଷିଣ ପରିସର ଓ ମୂଳ କଲେଜ କ୍ୟାମ୍ପସକୁ ନର୍ଥ କ୍ୟାମ୍ପସ ବା ଉତ୍ତର ପରିସର ଭାବେ ନାମିତ କରାଯାଇଛି। ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଭୁପ୍ରସାଦ ଦାସ ସ୍ୱାଗତ ଭାଷଣ ଓ କୁଳସଚିବ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇଏମଏମଟି, ସିଏସଆଇଆରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇପିଏସ ତଥା ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାରେ ସୁଯୋଗର ଅଭାବ ନାହିଁ ବୋଲି ସେ କହିବା ସହିତ ମା'ତାରିଣୀ ଓ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଆଶୀର୍ବାଦ ଯୋଗୁଁ ଏହି ବିଶ୍ୱବିଦ୍ୟାଳୟ ଶୀର୍ଷକୁ ଯିବ ବୋଲି ପ୍ରକାଶ କରିଥିଲେ। ପୁରାତନ ଛାତ୍ର ତଥା ପୂର୍ବତନ ଆଇପିଏସ ଅଧିକାରୀ ସତ୍ୟଜିତ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଏଫଓ ଏଚଡି ଧନରାଜ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ବରିଷ୍ଠ ନାଗରିକ, ଶିକ୍ଷାବିତ, ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସମାରୋହକୁ ଓଡ଼ିଶା ବିଭାଗର ମୁଖ୍ୟ ଡ. ସୁଧା ଦାଶ ସଞ୍ଚାଳନ କରିଥିଲେ। ବିଶ୍ୱବିଦ୍ୟାଳୟର ସଙ୍ଗୀତ ଗାନ କରାଯିବା ସହ ବିଶ୍ୱବିଦ୍ୟାଳୟର ପ୍ରଗତିକୁ ନେଇ ଏକ ପୁସ୍ତିକା ଓ ସହକାରୀ ପ୍ରଫେସର ସୁମନ୍ତ ନାୟକଙ୍କ ରଚିତ ଗଳ୍ପ ସଂକଳନ ନିରବ ଆଳାପ ଉନ୍ମୋଚନ କରାଯାଇଥିଲା।

ତେଜୁଛି ଟ୍ରକ୍ ଲୋଡିଂ ବିବାଦ

## ବଫର୍ ଜୋନ୍ ଘୋଷଣାକୁ ଟ୍ରକ୍ ମାଲିକଙ୍କ ବିରୋଧ



**ତେଲକୋଇ, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ଶୁଆକାଟିଠାରେ ଲୁହା ପଥର ଟ୍ରକ ଲୋଡିଂକୁ ନେଇ ଦେଖାଦେଇଛି ବିବାଦ। ଲୌହ ଖଣିର ୧୦ କିଲୋମିଟର ପରିଧିକୁ ବଫର ଜୋନ ଭାବେ ଘୋଷଣା କରି ଟ୍ରକ ଲୋଡିଂ ଟୋକନ୍ ଦେବା ପାଇଁ କେନ୍ଦୁଝର ଟ୍ରକ ମାଲିକମାନେ ଦାବି କରିଛନ୍ତି। ଅର୍ଥାତ ବଫର ଜୋନରେ ଆସୁଥିବା ଟ୍ରକ ମାଲିକମାନେ ଲୋଡିଂ ଟୋକନ ପ୍ରଥମେ ପାଇବେ ବୋଲି ଦାବି ହୋଇଛି। ଅନ୍ୟପଟେ ଏହି ବଫର ଜୋନ ଦାବିକୁ ଜିଲ୍ଲର ଅନ୍ୟ ଅଞ୍ଚଳର ଟ୍ରକ ମାଲିକମାନେ ତୀବ୍ର ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ତେଲକୋଇ ବ୍ଲକର ଶତାଧିକ ଟ୍ରକ ମାଲିକ ବଫର ଜୋନ ବ୍ୟବସ୍ଥାକୁ ତୀବ୍ର ବିରୋଧ କରିଥିଲେ। ଏହାକୁ ପ୍ରଶାସନ ଗ୍ରହଣ ନ କରିବାକୁ ତେଲକୋଇ ତହସିଲଦାରଙ୍କ ଜରିଆରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ଟ୍ରକ ମାଲିକ ସଙ୍ଘ ପକ୍ଷରୁ ସବୁ ଟ୍ରକ ମାଲିକଙ୍କୁ ଯେପରି ପୂର୍ବରୁ ଟୋକନ ଦିଆ ଯାଉଥିଲା ସେହି ବ୍ୟବସ୍ଥା ପୂର୍ବବତ ରହୁ। ଯଦି ବଫର ଜୋନ ହୁଏ ତେବେ ସବୁଠାରୁ ତେଲକୋଇ ଟ୍ରକ ମାଲିକମାନେ ବହୁ ମାତ୍ରାରେ କ୍ଷତି ସହିବେ ବୋଲି ଅଭିଯୋଗ ହୋଇଛି। ଗନ୍ଧମାର୍ଦ୍ଦନ ଲୌହ ଖଣି ତେଲକୋଇ ନିର୍ବାଚନମଣ୍ଡଳୀରେ ରହିଛି। ବହୁ ବେକାର ଯୁବକ ଟ୍ରକ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଯଦି ବଫର ଜୋନ ଅନୁଯାୟୀ, ଟ୍ରକ ମାଲିକଙ୍କୁ ଟୋକନ ଦିଆଯାଏ ତେବେ ତେଲକୋଇର ଟ୍ରକ ମାଲିକମାନେ ଆଉ ଲୋଡିଙ୍ଗ ସ୍ଲିପ ପାଇବେ ନାହିଁ ବୋଲି ଅଭିଯୋଗ ହୋଇଛି। ଯଦି ପ୍ରଶାସନ ଏହି ବ୍ୟବସ୍ଥା ଲାଗୁକରେ ତେବେ ଆଗାମୀ ଦିନରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି ତେଲକୋଇ ଟ୍ରକ ମାଲିକମାନେ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ବଫର ଜୋନ ଲାଗୁ କରିବା ଦାବିରେ କେନ୍ଦୁଝରର କେତେକ ନ୍ୟସ୍ତ ସ୍ୱାର୍ଥ ଟ୍ରକ ମାଲିକ କେନ୍ଦୁଝର ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ଜଣାପଡ଼ିଛି।

## ଟୋଲଙ୍କପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବେଲବାହାଲି, ୧୧।୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡ଼ା ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସନିକ ସେନା ଅଧିକାରୀ ଦୋଳଗୋବିନ୍ଦ ପଣ୍ଡା, ସମ୍ମାନିତଅତିଥି ଭାବେ ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କେଶବଚନ୍ଦ୍ର ପରିଡା, ନିମନ୍ତ୍ରିତ ଅତିଥି ଭାବେ ଉକ୍ତ ପଞ୍ଚାୟତ ସରପଞ୍ଚ ମିନତୀ ମହାରଣା, ସମିତିସଭ୍ୟା ବିଦ୍ୟୁତଲତା ସାହୁ, ପୂର୍ବତନ ଶିକ୍ଷକ ଧରଣୀଧର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସକାଳୁ ୪୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବେଶ ଧାରଣ କରି ଗ୍ରାମରେ ଏକ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ସୃଷ୍ଟି କରିବା ସହ ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ କ୍ରୀଡ଼ା ଓ ବକ୍ତୃତାରେ ଭାଗ ନେଇଥିବା ୧୭୦ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବୈଲୋଚନ ମହାରଣାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ ରାଉତ, ବିଭୂତି ଭୂଷଣ ମଲ୍ଲିକ, ନିହାର ରଞ୍ଜନ ଜେନା, ବୋଧିରାମ ସା, ସନ୍ତୋଷ ପରିଡା, ଶିକ୍ଷୟିତ୍ରୀ ଦେବକୀ ଖୁଣ୍ଟିଆ, ସୁଚିସ୍ମିତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବେଲବାହାଲି, ୧୧।୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମର ୧୧ନଂ ୱାର୍ଡରେ ଥିବା ଏହି ଖୋଲାମେଲା ମୁକୁଳା ଟ୍ରାନ୍ସଫର୍ମର ନେଇପାରେ ଜୀବନ। ଆନନ୍ଦପୁର ବିଦ୍ୟୁତ୍ ଡ଼ିଭିଜନ ରାମଚନ୍ଦ୍ରପୁର ସର୍କଲରେ ଥିବା ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦଜନକ ପରିସ୍ଥିତିରେ ରହିଛି। ଟାଟା ପାୱାର ଦ୍ୱାରା ବିଭିନ୍ନ ସ୍ଥାନରେ ଥିବା ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ସୁରକ୍ଷା ବାଡ଼ା ଲାଗୁଥିବା ବେଳେ ଏଥିରୁ ବାଦ୍ ପଡ଼ିଛି ନୟାଗଡ଼ ଗ୍ରାମର ୧୧ନଂ ୱାଡ଼ର୍ ଏହି ଟ୍ରାନ୍ସଫର୍ମର। ଦୀର୍ଘ ବର୍ଷ ଧରି ବିଦ୍ୟୁତ ସମ୍ପନ୍ନ ଟ୍ରାନ୍ସଫର୍ମର ମୁକୁଳା ପଡିଛି। ଚତୁଃପାର୍ଶ୍ୱରେ ବାଡା ନଥିବାରୁ ଚାରିପଟେ ଅନାବନା ତୃଣ ଜାତୀୟ ଗଛ ହୋଇଯିବା ସହ ବିପଦପୂର୍ଣ୍ଣ



ଅବସ୍ଥାରେ ରହିଛି। ଯାହା ଫଳରେ ଗାଈଗୋଠ ତାହା ମଧ୍ୟକୁ ଅବାଧ ପ୍ରବେଶ କରି ବିଦ୍ୟୁତ୍ ଆଘାତରେ ଜୀବନ ଯାଉଥିବା ଅଭିଯୋଗ ହୋଇଛି। ଏହା ରାସ୍ତା ସଂଲଗ୍ନ ଓ ଜନବସତି ହୋଇଥିବାରୁ ଅଘଟଣର ଅଶଙ୍କା ବଢୁଛି। ଉକ୍ତ ଘଟଣାର ସମାଧାନ ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ମଧ୍ୟ ସୁରକ୍ଷା ବାଡ଼ା ଲାଗି ପାରି ନାହିଁ। ଆନନ୍ଦପୁର ବିଦ୍ୟୁତ୍ ଡିଭିଜନର ଅଧିକାରୀଙ୍କୁ ଗ୍ରାମର ବୁବୁନା ଖଟୁଆ, ଅଜୟ ଦେହୁରୀ, ବିନ ଖଟୁଆ, ଭରତ ରାଉତ, ହେମନ୍ତ ବିଶ୍ୱାଳ, କାଶୀନାଥ ରାଉତ, ଲିପୁ ବିଶ୍ୱାଳ, ମୁରଲୀ ରାଉତ, ପ୍ରଶାନ୍ତ ଖଟୁଆ, ତପନ ରାଉତ, ତ୍ରିଲୋଚନ ନାଏକ ସୁରକ୍ଷା ବାଡ଼ା ଲଗାଇବାକୁ ଦାବି କରିଛନ୍ତି।

ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ଫୁଟ୍‌ବଲ ପ୍ରତିଯୋଗିତା

## ଗଣ୍ଡରପୁରକୁ ହରାଇଲା ବାରିପଦା

**ଆନନ୍ଦପୁର, ୧୧।୨(ସମିସ):** ଆନନ୍ଦପୁର ଷ୍ଟାଡିୟମ ପଡିଆଠାରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ କୁଶରଂଜନ ପଟ୍ଟନାୟକ ମେମୋରିଆଲ ଫୁଟବଲ ମ୍ୟାଚ୍‌ରେ ୟୁନାଇଟେଡ ଫୁଟବଲ କପ୍ ଗଣ୍ଡରପୁରକୁ ୩/୨ ଗୋଲରେ ପରାସ୍ତ କରି ବାରିପଦାର ଶିମିଳିପାଳ ଫୁଟବଲ କ୍ଲବ ବିଜୟୀ ହୋଇଛି। ମ୍ୟାଚରେ ଶିମିଳିପାଳ ଦଳର ଭଗୁ ହେମ୍ବ୍ରମ୍ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଆନନ୍ଦପୁର କ୍ରୀଡା ସଂସଦ ଆନୁକୂଲ୍ୟରେ ପଟ୍ଟନାୟକ ବ୍ରଦର୍ସ ପ୍ରଯୋଜିତ ଏହି ମ୍ୟାଚରେ ଅତିଥି ଭାବେ ଆନନ୍ଦପୁର ମେଡିକାଲର ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀ ଯୋଗ ଦେଇଥିଲେ। କ୍ରୀଡ଼ା ସଂସଦର ସଂପାଦକ ନବରଂଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମ୍ୟାଚକୁ ରେଫରୀ ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଶିବପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ। କ୍ରୀଡା ସଂସଦର କର୍ମକର୍ତ୍ତା ମନରଂଜନ ପଟ୍ଟନାୟକ, ବିନୋଦ ବିହାରୀ ମିଶ୍ର, ଗଗନ ସିଂ, ମୁରଲୀଧର ମିଶ୍ର, ଅକ୍ଷୟ ମହାନ୍ତି, ରମେଶ ସିଂ, ଦେବବ୍ରତ କରନ, ବସନ୍ତ ସାହୁ, ମାର୍କଣ୍ଡ ସାମଲ, ଅଶୋକ ରାଉଳ, ଅଖିଳ ପଟ୍ଟନାୟକ, ଲୋକନାଥ ସିଂ, ମନରଂଜନ ସିଂ, ସୁଦର୍ଶନ ରଣା, ଦେବେନ୍ଦ୍ର ମିଶ୍ର, ପ୍ରସନ୍ନ ସିଂ, ପ୍ରଦୀପ ହଜାରୀ, ଜ୍ୟୋତିରଂଜନ ଜେନା, ଗୋପରଂଜନ ପାଣି, ଲୁଲୁ ଚାନ୍ଦ, ବାଇଧର ସେଠୀ, ଅଜୟ ସେଠୀ ସହଯୋଗ କରିଥିଲେ।



## ସୋସୋ ବିଶ୍ୱଶାନ୍ତି ଗୀତାଯଜ୍ଞ; ବିଶ୍ୱାସର ପ୍ରତୀକ ଚରୁଭୋଗ

# ଶହ ଶହ ଭକ୍ତ ଲଗାଇଲେ ଭୋଗ

ସୋସୋ, ୧୧।୨(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସୋସୋ ଗ୍ରାମରେ ୫୬ତମ ବିଶ୍ୱଶାନ୍ତି ଗୀତାଯଜ୍ଞର ଅଧିବାସ ଅବସରରେ ସୋମବାର ସାଳନ୍ଦୀ ନଦୀ ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ମୁଖ୍ୟପୂଜକ ବୈଦ୍ୟନାଥ ନନ୍ଦ ଥିବାବେଳେ ସୁବାସଚନ୍ଦ୍ର ଦାଶ, ସୁଧାକର ପତି, ଦାମୋଦର ତ୍ରିପାଠୀ, ରାଧାଶ୍ୟାମ ପଣ୍ଡା, ଉପେନ୍ଦ୍ର ଉପାଧ୍ୟାୟ, ବଳରାମ ଶତପଥୀ, ବସନ୍ତ ପତି, ଅମରେଶ ନନ୍ଦ ସହଯୋଗୀ ରହିଥିଲେ। ମାନସିକ ପୂରଣ ପାଇଁ ଶତାଧିକ ଶ୍ରଦ୍ଧାଳୁ ଚରୁଭୋଗ ଲଗାଇବାର ପରମ୍ପରା ରହିଛି। ଏହିକ୍ରମରେ ନୂଆ ମାଟିହାଣ୍ଡିରେ ନିଜ ନାମ ଲେଖି ଚରୁଭୋଗ କରାଯାଇଥାଏ। ଏହା ଯଜ୍ଞର ବଡ଼ ବିଶେଷତ୍ୱ ହୋଇଥିବାବେଳେ ବିଶ୍ୱାସର ପ୍ରତୀକ ବୋଲି କୁହାଯାଇଥାଏ।

ଯଜ୍ଞ ପାଖର୍ ପଡ଼ିଆ ବିଭିନ୍ନ ଦୋକାନ ବଜାର, ଦୋଳି ଲାଗି ଆଲୋକମୟ ହୋଇପଡିଛି। ହଜାର ହଜାର ଲୋକ ସେହି ଯଜ୍ଞସ୍ଥଳ ଓ ମେଳାକୁ





ଯାଉଥିବାରୁ ସୋସୋ ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ପ୍ରତି ନଜର ରଖିଛି। ଏହି ସୋସୋ ଯଜ୍ଞ ଅନନ୍ତ ନାରାୟଣ ମଠାଧୀଶ ସିଦ୍ଧ ପୁରୁଷ ଶ୍ରୀ ଶ୍ରୀ କୃଷ୍ଣଦାସ ବାବାଜୀ ମହାରାଜଙ୍କ ସୁଚିନ୍ତିତ ପରାମର୍ଶ ଓ ପ୍ରରୋଚନାରେ ତତ୍କାଳୀନ ସୋସୋ ଗ୍ରାମର ନୀତିନିଷ୍ଠ ବେଦଜ୍ଞ ବ୍ରାହ୍ମଣ ସୁଦର୍ଶନ ଦାଶଙ୍କ ତତ୍ତ୍ୱାବଧାନରେ ସ୍ୱର୍ଗତ କୃଷ୍ଣପ୍ରସାଦ ଦାସଙ୍କ ସହଯୋଗରେ ବିଶ୍ୱକଲ୍ୟାଣ ନିମିତ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ଗୀତାଯଜ୍ଞର ୧୯୭୦ରେ ଶୁଭାରମ୍ଭ ହୋଇଥିଲା। ଯଜ୍ଞ ମଣ୍ଡପ ନିକଟରେ ଏକ ସୁଦୃଶ୍ୟ କାରୁକାର୍ଯ୍ୟମଣ୍ଡିତ ରାମ ମନ୍ଦିର କରାଯାଇଛି। ବେଦଜ୍ଞ ଯାଜ୍ଞକ ବ୍ରାହ୍ମଣ ମାନଙ୍କର କଣ୍ଠରେ ମନ୍ତ୍ରଧ୍ୱନିରେ ଆଧାତ୍ମିକ ଶିହରଣର ବାତାବରଣ ସୃଷ୍ଟିକରେ। ଯଜ୍ଞକୁ ଆସୁଥିବା ହଜାର ହଜାର ଭକ୍ତ-ଶ୍ରଦ୍ଧାଳୁଙ୍କ ପାଇଁ କମିଟି ପକ୍ଷରୁ ଅନ୍ନସେବନ ବ୍ୟବସ୍ଥା କରାଯାଇଥାଏ। ଲୋକଙ୍କୁ ଏକ ସୂତ୍ରରେ ବାନ୍ଧିରଖି କାର୍ଯ୍ୟକ୍ରମଟି କରାଯାଉଥିବାରୁ ଅନ୍ୟ ଗାଁ ପାଇଁ ଉଦାହରଣ ହୋଇଛି। ଏହା ଭାଇଚାରା ସୃଷ୍ଟି କରିବା ସହିତ ସୁ-ସମ୍ପର୍କ ବୃଦ୍ଧି କରିଛି। ମଙ୍ଗଳବାର ଗୀତାଯଜ୍ଞ, ଚଣ୍ଡୀପାଠ, ବେଦପାଠ, ନାମକୀର୍ତ୍ତନ ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ୧୨ ତାରିଖ ଏହି ସମାରୋହର ସମାପନ ହେବ। ଏହି ଅବସରରେ ୧୩ ଓ ୧୪ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞ କମିଟିର କର୍ମକର୍ତ୍ତା, ସଦସ୍ୟ, ବିବେକାନନ୍ଦ ଯୁବକ ସଙ୍ଘର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ମାଘମେଳା ଆରମ୍ଭ; ଉତ୍ସବମୁଖର ନଦୁଆଁ

**ଆନନ୍ଦପୁର, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ ନଦୁଆଁ ମହିମା ଗାଦିରେ ମାଘ ମେଳା ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ବୁଧବାର ସଂଧ୍ୟାରେ ପାରମ୍ପରିକ ରୀତିନୀତି ପରେ ଅଖଣ୍ଡ ଝାଡ଼ବତି ଲାଗିବ। ମହିମା ଧର୍ମର ସ୍ୱାତନ୍ତ୍ର ରହିଛି। ପ୍ରତିମା ପୂଜା, ଅନ୍ଧବିଶ୍ୱାସ, କୁସଂସ୍କାରରୁ ଲୋକଙ୍କୁ ମୁକ୍ତ କରିବା ସହ ଜୀବନକୁ ସୁସ୍ଥ ଓ ନିରାମୟ କରି ଗଢିତୋଳିବା ମହିମା ଧର୍ମର ମୂଳ ଉଦ୍ଦେଶ୍ୟ। ୧୮୭୬ରେ ମହିମା ସ୍ୱାମୀଙ୍କ ଯୋରନ୍ଦାରେ ମହାପ୍ରୟାଣ ପରେ ତାଙ୍କ ଶିଷ୍ୟ ବାବା ରଘୁବର ଦାସ ୧୮୬୬ରେ ଆସି ନଦୁଆଁ ଗ୍ରାମରେ ଅବସ୍ଥାନ କରିଥିଲେ। ତାଙ୍କ ଦ୍ୱାରା ଶ୍ରଦ୍ଧାଳୁମାନେ ଅନୁପ୍ରାଣିତ ହୋଇ ଆନନ୍ଦପୁର ଉପଖଣ୍ଡରେ ମହିମା ଧର୍ମ ପ୍ରଚାର କରିଥିଲେ। ରଘୁବର ବାବାଙ୍କ ଦେହାନ୍ତ ପରେ କିଛି ବର୍ଷ ହେଲା ଭାଗୀରଥି ବାବା ଗାଦି ଚଳାଇ ଆସୁଛନ୍ତି। ଏଠାରେ ରହିଛି ଭବ୍ୟ ଶୂନ୍ୟ ମନ୍ଦିର ଓ ଆଶ୍ରମ। ବୁଧବାର ଅଖଣ୍ଡ ଧୁନି ଲାଗିବା ସହ ନାମଯଜ୍ଞ ଅନୁଷ୍ଠିତ ହେବ। ସଂଧ୍ୟାରେ ଭାଗୀରଥି ବାବାଙ୍କ ନେତୃତ୍ୱରେ ୨୧ ଶାଖା ବିଶିଷ୍ଟ ଝାଡବତି ପ୍ରଜ୍ୱଳନ କରାଯିବ। ରାତିରେ ନାମଯଜ୍ଞ, ପ୍ରବଚନ ଓ ମହିମା ଭଜନ ପରିବେଷଣ କରାଯିବ। ମହିମା ମନ୍ଦିର ସମ୍ମୁଖରେ ମେଳା ଅନୁଷ୍ଠିତ ହେଉଥିବା ବେଳେ ଶତାଧିକ ଷ୍ଟଲ ଲାଗିଛି। ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲ୍ଲାରୁ ଶତାଧିକ ମହିମା ଶ୍ରଦ୍ଧାଳୁ ସାମିଲ ହୋଇଥିବାରୁ ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। ମେଳା ପରିଚାଳନା ପାଇଁ ଆଜି ସକାଳେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅଲେଖ ମହିମା କ୍ଲବର ସଦସ୍ୟମାନେ ସହଯୋଗ କରିଛନ୍ତି।



### ବେଣିଡ଼ିହି ପଥର ଖଣିରେ ଚାଲିଛି ଲିଜ୍‌ଧାରୀଙ୍କ ମନମାନି

# ଅନୁମତିରୁ ୧୦ ଗୁଣା ଅଧିକ ପଥର ଖୋଳି ବାହାରେ ବିକ୍ରି






## ସରକାରଙ୍କ ବ୍ୟାପକ ରାଜସ୍ୱ ହାନି

**କେନ୍ଦୁଝର, ୧୧।୨(ସମିସ)**

କେନ୍ଦୁଝର ଜିଲ୍ଲା ବାଂଶପାଳ ତହସିଲ ଅଞ୍ଚଳରେ ଅନେକଗୁଡିଏ ପଥର ଖଣି ମଧ୍ୟରୁ ଟଣ ପଞ୍ଚାୟତର ବେଣିଡିହି ପଥର ଖଣିରେ ଲୁଟ୍। ଲଘୁ ଖଣିଜ ବିଭାଗ ସବୁ ଜାଣି ସତେ ଯେପରି ଆଖି ବୁଜି ଦେଇଛି।

ବାଂଶପାଳ ତହସିଲର ଖାତା ନମ୍ବର (ଏ ଏ ଏ), ପ୍ଲଟ ନମ୍ବର ୨୩୫/୧ରେ ଥିବା ପଥର ଖଣିଟିକୁ ବ୍ଲୁ ଏଜ ଟ୍ରେଡ ଭେଞ୍ଚର ପ୍ରାଇଭେଟ ଲିମିଟେଡକୁ ଏହି ଖଣିର ଲିଜ୍ ଦିଆଯାଇଛି। ସିଆ (ଏସଇଆଇଏଏ) କର୍ତ୍ତୃପକ୍ଷ ଗତ ୨୧.୨.୨୦୨୩ରେ ପଥର ଖଣି ଉତ୍ତୋଳନ ନିମନ୍ତେ ପରିବେଶ ଅନୁମତି ଦେଇଛନ୍ତି। ଏହି ଅନୁମତିର ଅବଧି ଆସନ୍ତା ୨୧.୨.୨୦୨୫ରେ ସରିବ। ରାଜସ୍ୱ ବିଭାଗ ଖଣି ପାଇଁ ୩.୩.୨୦୨୩ରୁ ୨.୩.୨୦୨୮ ପର୍ଯ୍ୟନ୍ତ ଅବଧି ଦେଇଛନ୍ତି; କିନ୍ତୁ ଲିଜଧାରୀ ଜଣଙ୍କ ଅନୁମତି ପାଇଲା ପରେ ଆଇନକାନୁନ, ପରିବେଶ, ଜୀବଜନ୍ତୁଙ୍କ ସୁରକ୍ଷା ସବୁ କଥାକୁ ଅଣଦେଖା କରି ମନଇଚ୍ଛାରେ ପଥର ଉତ୍ତୋଳନ କରି ବାହାରେ ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି।

ଲିଜଧାରୀଙ୍କୁ ବେଣିଡ଼ିହି(ପଶ୍ଚିମ) ନାମରେ ୮.୫୦୦ ଏକର ପାହାଡ଼କୁ ଲିଜ ଦିଆଯାଇଛି। ନିୟମ ଅନୁସାରେ, ଲିଜଧାରୀ ପଥର ଖଣିର ସର୍ବାଧିକ ୬.୦୦ ମିଟର ପର୍ଯ୍ୟନ୍ତ ଗଭୀର କରିବା କଥା; ମାତ୍ର ତାକୁ ଉପେକ୍ଷାକରି ଲିଜଧାରୀ ଅନୁମୋଦିତ ପରିମାଣଠାରୁ ୧୦/୨୦ ଗୁଣ ଅଧିକ ପଥର ଉତୋଳନ କରିଛନ୍ତି।

ବିଭାଗୀୟ ଅନୁମୋଦନ ଅନୁସାରେ, ୨୧.୨.୨୦୨୩ଠାରୁ ୨୧.୨.୨୦୨୪ ପର୍ଯ୍ୟନ୍ତ ପ୍ରଥମ ବର୍ଷରେ ପଥର ଖଣିରୁ ୬୦୨୭ କ୍ୟୁବିକ ମିଟର ପଥର ଖୋଲିବାର ଅନୁମତି ଥିବାବେଳେ ୨ୟ ବର୍ଷ ଅର୍ଥାତ ୨୧.୨.୨୦୨୪ଠାରୁ ୨୧.୨.୨୦୨୫ ପର୍ଯ୍ୟନ୍ତ ୬୦୨୭ କ୍ୟୁବିକ ମିଟର ପଥର ଖୋଲିବା କଥା। ଏହି ଦୁଇ ବର୍ଷରେ ଅନୁମୋଦିତ ପରିମାଣରୁ ବହୁତ ଅଧିକ ପଥର ଉତ୍ତୋଳନ ହୋଇଛି। ସ୍ଥାନୀୟ କର୍ତ୍ତୃପକ୍ଷ କେବେ ତଦାରଖ କରୁନାହାନ୍ତି କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କେନ୍ଦୁଝରରେ ଲଘୁ ଖଣିଜ ବିଭାଗର କାର୍ଯ୍ୟାଳୟ ହୋଇଛି ସତ। ତାହା କାଗଜକଲମରେ ଜଣାପଡୁଛି। ଖବର ଥାଇ ବେଣୀଡିହି (ପଶ୍ଚିମ) ପଥର ଖଣି ଲିଜଧାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଛି।

ପଥର ଖଣି ଲିଜ ପାଚେରି ଚାରିକଡ଼ଠାରୁ ୭.୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ସେଫଟି ଜୋନ ଭାବେ ବ୍ୟବହାର କରିବାର ନିୟମକୁ ମଧ୍ୟ ଲିଜଧାରୀ ଉପେକ୍ଷାକରି ଲିଜ ଏରିଆ ମଧ୍ୟରେ ଘର ଓ ଅନ୍ୟାନ୍ୟ ନିର୍ମାଣ କରିଛନ୍ତି। ଯାହାକି ପରିବେଶ ମଞ୍ଜୁରୀ ନିୟମର ସମ୍ପୂର୍ଣ୍ଣ ଉଲଂଘନ। ବନ୍ୟ ଜୀବଜନ୍ତୁଙ୍କ ଚଳପ୍ରଚଳ ଅଞ୍ଚଳ ହୋଇଥିବାବେଳେ ଲିଜଧାରୀ କୂଅ ପୋଖରୀଠାରୁ ଅଧିକ ଗଭୀର ପର୍ଯ୍ୟନ୍ତ ପଥର ଖୋଳି ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ଲିଜ ଅଞ୍ଚଳ ଏବଂ ତତସଂଲଗ୍ନ ବଡବଡ ଗଛ ସେଠାରୁ ଉଭାନ ହୋଇଗଲାଣି। ସ୍ଥାନୀୟ ଅଧିକାରୀ ଏବଂ ବିଭାଗୀୟ 'ବଡପଣ୍ଡା'ଙ୍କୁ କରାୟତ୍ତ କରି ଲିଜଧାରୀ ଗତ ଦୁଇବର୍ଷ ହେବ କୋଟି କୋଟି ଟଙ୍କାର ମୁନଫା କମାଇ ଚାଲିଛନ୍ତି। ଆଉ ଅଳ୍ପଦିନ ପରେ ସେଠାରେ ଆଉ ପାହାଡ଼ ନଥିବ କି ଗଛ ଲତା ମଧ୍ୟ ନଥିବା ପରିସ୍ଥିତି ହେଲାଣି। ଲଘୁ ଖଣିଜ ଦ୍ରବ୍ୟ ବିଭାଗ, ରାଜସ୍ୱ ବିଭାଗ, ବନ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ବେଣିଡିହି (ପଶ୍ଚିମ) ପଥର କ୍ୱାରୀର ବ୍ୟାପକ ଅନିୟମିତତା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନନେଲେ ସରକାରଙ୍କର ବ୍ୟାପକ ରାଜସ୍ୱ ହାନି ହେବା ସହ ସ୍ଥାନୀୟ ଅଞ୍ଚଳର ପରିବେଶ ବିପର୍ଯ୍ୟସ୍ତ ହୋଇପଡ଼ିବାର ଆଶଙ୍କା ଦେଖାଦେଇଛି।

## ନନ୍ଦିପଦା ପୁଲିସର ସଡ଼କ ସୁରକ୍ଷା ସଚେତନତା

**ସୋସୋ, ୧୧।୨(ସମିସ):** ହାଟଡିହି ବ୍ଲକ ନନ୍ଦିପଦା ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛେନାପଦି ଛକରେ ଥାନାଧିକାରୀ ରବିନ୍ଦ୍ର ପାତ୍ର, ଟ୍ରେନି ଆପିଏସ ରାକେଶ ସାହୁ, ଏସଆଇ ଅନୁପ କର, ସୁଷମା ସୁନ୍ଦରୀ ସେଠୀ, କନେଷ୍ଟବଳ ଅଜୟ ନାୟକ, ଅନିଲ ସାହୁ, ଅଜୟ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହାଟଡିହି ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କଲେଜ ପରିସରରେ ଏକ ବୈଠକ କରି ଦ୍ରୁତ ଗତିରେ ଗାଡି ନଚଲାଇବାକୁ କହିବା ସହିତ ବିଭିନ୍ନ ସଡକ ସୁରକ୍ଷା ନିୟମ ବିଷୟରେ ସଚେତନ କରାଇଥିଲେ।
ଅନ୍ୟପକ୍ଷରେ, ନନ୍ଦିପଦା ଥାନା ଅଧୀନରେ ଥିବା ବିଦ୍ୟାଳୟଗୁଡିକର ଗାଡିକୁ ଚଲାଉଥିବା ଡ୍ରାଇଭର ମାନଙ୍କୁ ଥାନା ପରିସରକୁ ଡକାଯାଇ ସଡକ ସୁରକ୍ଷା ଓ ଗାଡି ଚଲାଇବା ବେଳେ ସତର୍କତା ସମ୍ପର୍କରେ ସଚେତନ କରାଇଥିଲେ। ଶିଶୁ କାଲିର ଭବିଷ୍ୟତ ହୋଇଥିବାରୁ ସେମାନଙ୍କୁ ଅଧିକ ସୁରକ୍ଷିତ ଓ ଯତ୍ନରେ ନେବାକୁ ଡ୍ରାଇଭରମାନଙ୍କୁ ଟ୍ରେନିଙ୍ଗରେ ଥିବା ଆପିଏସ ଶ୍ରୀ ସାହୁ ସଚେତନ କରାଇଥିଲେ।

## ଚେମେଣା ଗ୍ରାମ୍ୟ ଜଙ୍ଗଲରେ ନିଆଁ



**ତୁରୁମୁଙ୍ଗା, ୧୧।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଚେମେଣା ୟୁକାଲିପଟାସ ଜଙ୍ଗଲରେ ମଙ୍ଗଳବାର ସଂଧ୍ୟାରେ ନିଆଁ ଲାଗି ଅନେକ ଗଛ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଜଙ୍ଗଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସହ ବନ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଅନେକ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି।

## ରାମଚନ୍ଦ୍ରପୁରରେ ନୂଆ ଥାନାଧିକାରୀ



**ରାମଚନ୍ଦ୍ରପୁର, ୧୧।୨(ସମିସ):** ରାମଚନ୍ଦ୍ରପୁର ଥାନାଧିକାରୀ ଭାବେ ମାନସ କୁମାର ବାରିକ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀ ଇନ୍ଦ୍ରଜିତ ବେହେରାଙ୍କ କଟକ କ୍ରାଇମବ୍ରାଞ୍ଚକୁ ବଦଳି ହେବା ଯୋଗୁଁ ତାଙ୍କ ସ୍ଥାନରେ ଶ୍ରୀ ବାରିକଙ୍କୁ ଅବସ୍ଥାପିତ କରାଯାଇଛି। ଶ୍ରୀ ବାରିକ ପୂର୍ବରୁ ପୁରୀ ଟାଉନ ଥାନାରେ ଥିଲେ। ଆନନ୍ଦପୁର ପ୍ରେସ କ୍ଲବ ତରଫରୁ ସାମ୍ବାଦିକ ଗତିକୃଷ୍ଣ ଭୂୟାଁ, ରାଜକିଶୋର ଦାସ, ଉମାକାନ୍ତ ସାହୁ ଶ୍ରୀ ବାରିକଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ନେବା ପରେ ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା ରାମଚନ୍ଦ୍ରପୁର ଥାନାଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପ୍ରାଥମିକତା ଦେବେ ବୋଲି ଶ୍ରୀ ବାରିକ ପ୍ରକାଶ କରିଛନ୍ତି।

## ଟସର କୋଷାରୁ ସୂତା କାଟିବେ ମିଶନଶକ୍ତି ମହିଳା



**ରାମଚନ୍ଦ୍ରପୁର, ୧୧।୨(ସମିସ):** ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ରାଘବପୁର ଗାଁର ମହିଳାମାନେ କେନ୍ଦ୍ରିୟ ବୈଷୟିକ ରେସମ ବୋର୍ଡ, କଟକ ସହାୟତାରେ ଟସରରୁ ସୂତା କାଟିବା ପଦ୍ଧତି ସମ୍ବନ୍ଧରେ ବୈଷୟିକ ତାଲିମ ଗ୍ରହଣ କରୁଛନ୍ତି। ୫ ଦିନର ତାଲିମ ଦେବା ପରେ ପର୍ଯ୍ୟାୟ ଭିତ୍ତିରେ ଆଗ୍ରହୀ ଥିବା ଶତାଧିକ ମହିଳାଙ୍କୁ ଏଥିରେ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦୁଝର ଭଗାମୁଣ୍ଡା ଟସର କେନ୍ଦ୍ରର ମାଷ୍ଟର ଟ୍ରେନର କୁନି ଦେହୁରୀ ଏବଂ କେନ୍ଦ୍ରୟ ରେସମ ବୋର୍ଡ ଟେକନିସିଆନ ପ୍ରଦୀପ୍ତ ମିଶ୍ର ଶିକ୍ଷା ଦେଉଛନ୍ତି। ମହିଳାମାନେ ନିଜ ଘରକାମ ଧନ୍ଦା କରିବା ସହ ସେଥିରୁ ସମୟ ବାହାର କରି ଏଥିରେ ମନୋନିବେଶ କରି ନିଜେ ସ୍ୱାବଲମ୍ବୀ ହେବାକୁ ମନ ବଳାଇଛନ୍ତି। ଏସବୁ କାମ ପାଇଁ ମହିଳାଙ୍କ ଆଦର୍ଶ ସାଜିଛନ୍ତି ଭଗାମୁଣ୍ଡା ଟସର ଉତ୍ପାଦନ କେନ୍ଦ୍ରର ଭଉଣୀ କୁନି ଦେହୁରୀ। ଯାହାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମନକିବାତ୍‌ରେ କଥା ହୋଇ ଭୂରିଭୂରି ପ୍ରଶଂସା କରିଛନ୍ତି। ତାଲିମ ଶିବିର ଉଦଘାଟନ ଉତ୍ସବରେ ଘସିପୁରା ବିଡିଓ ବିନିତା ବିଜୟିନୀ, ମିଶନଶକ୍ତି ସଂଯୋଜକ ଅଶ୍ୱିନୀ ଦାସ, ବିଏଲସି ସୌଭାଗିନୀ ଦାସ, ବବିତା ବେହେରା ପରାମର୍ଶ ଦେଇଥିଲେ। ଆବଶ୍ୟକ ମନେକଲେ ଏଥିପାଇଁ ବିଭିନ୍ନ ସ୍କିମ୍ ଜରିଆରେ ଆର୍ଥିକ ସହାୟତା ପ୍ରଦାନ ନେଇ ପ୍ରକାଶ କରିଥିଲେ।

## ଏମଡିଆର୍ କ୍ଲବ୍ ପାଟଣା ଫୁଟ୍‌ବଲ: ମହାବୀର କ୍ଲବ ସୁକିନ୍ଦା ଚାମ୍ପିଅନ



**ରାମଚନ୍ଦ୍ରପୁର, ୧୧।୨(ସମିସ):** ଘସିପୁରା ବ୍ଲକ୍ ରାଧିକାଦେଇପୁର ପଞ୍ଚାୟତ ପାଟଣା ଏମ୍‌ଡିଆର୍ କ୍ଲବ ପକ୍ଷରୁ ଚାଲିଥିବା ସପ୍ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ମହାବୀର କ୍ଲବ ସୁକିନ୍ଦା ୧-୦ ଗୋଲରେ ଆଇଜୁଏଲ୍ ଏଫସି ଟିମକୁ ହରାଇଛି। ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ୪୦ ହଜାର ପ୍ରଦାନ କରାଯାଇଛି। ସେହିପରି ତୃତୀୟ ଏବଂ ଚତୁର୍ଥ ଦଳକୁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଯୁବନେତା ଦେବାଶିଷ ପାତ୍ର, ବିଜୟ ଦାସ, ନରୋତ୍ତମ ଯେନା, ଧନେଶ୍ୱର ଟୁଡୁ, ପ୍ରତିମା ଜେନା, ରାଧିକାଦେଇପୁର ସରପଞ୍ଚ ଏବଂ ପର୍ଶୁରାମ ମହାରଣା, ବିଜୟ ଚକ୍ର ପ୍ରମୁଖ ଯୋଗ ଦେଇଥିଲେ। ରେଫରୀ ଭାବେ କାଳନ୍ଦୀ ମୁର୍ମୁ, ବରୁଣ ବେହେରା, କେଦାର କାଲୁଣ୍ଡିଆ, ଭଞ୍ଜ ସୋରେନ୍, ଚକ୍ରଧର ଚାତାର, ସନାତନ ମୁର୍ମୁ ଖେଳ ପରିଚାଳନା କରିଥିଲେ। ଧାରା ବିବରଣୀ ମୋହନ ମୁର୍ମୁ, ପରମେଶ୍ୱର ବାସ୍କେ, ଟିକାୟତ ନାଏକ ପ୍ରଦାନ କରିଥିଲେ। କ୍ଲବର ସଭାପତି ବାବୁଲି ମୁର୍ମୁ ସମ୍ପାଦକ ମକର ଟୁଡୁ ସମେତ ସୁନ୍ଦରା ମାଝୀ, ହେମନ୍ତ ହେମ୍ବ୍ରମ ବାଇଧର ମୁର୍ମୁ, ଜିତେନ ହେମ୍ବ୍ରମ ମଙ୍ଗଲ ଏବଂ ଟୁକୁ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଆନନ୍ଦପୁର କ୍ରୀଡ଼ା ସଂସଦ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର

**ଆନନ୍ଦପୁର, ୧୧।୨ (ସମିସ):** ଆନନ୍ଦପୁର କ୍ରୀଡ଼ା ସଂସଦ ପକ୍ଷରୁ ଉଚ୍ଚଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନନ୍ଦପୁର ଷ୍ଟାଡିୟମର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଇଣ୍ଡୋର୍ ଷ୍ଟାଡିୟମର ବିଭିନ୍ନ ବିଭାଗରେ କର୍ମଚାରୀ ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ଦାବିପତ୍ର ପ୍ରଦାନ କରିଥିଲେ। କ୍ରୀଡା ସଂସଦର ଭିତ୍ତିଭୂମି ଓ ପଡିଆର ଉନ୍ନତିକରଣ ନିମନ୍ତେ ସଂସଦର କର୍ମକର୍ତ୍ତା ଆଲୋଚନା କରିଥିଲେ। ଏହି ଦାବିପତ୍ର ପ୍ରଦାନ କରିବା ସମୟରେ କ୍ରୀଡ଼ା ସଂସଦର କର୍ମକର୍ତ୍ତା ଗଗନ ବିହାରୀ ସିଂ, ମୁରଲୀଧର ମିଶ୍ର, ବିନୋଦ ମିଶ୍ର, ରମେଶ ସିଂହ, ସୁଦନ ରଣା, ଜ୍ୟୋତିରଞ୍ଜନ ଜେନା, ଅକ୍ଷୟ ମହାନ୍ତି ଉପସ୍ଥିତ ଥିଲେ।

## ହାଟଡିହି ଅଞ୍ଚଳରେ କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୋସୋ,୧୧।୨(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହି ବ୍ଲକର ବିଜେପି କର୍ମକର୍ତ୍ତାମାନେ ବିଜେପି କାର୍ଯ୍ୟାଳୟ ନିକଟରେ ଉପସ୍ଥିତ ରହି କ୍ରୀଡ଼ା, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ସମୟରେ ବରିଷ୍ଠ ବିଜେପି ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ସାଂସଦ ପ୍ରତିନିଧି ଜ୍ଞାନରଂଜନ ସାମନ୍ତସିଂହାର, ହରମୋହନ ଶାସିନୀ, ଯୁଧିଷ୍ଠିର ମଲ୍ଲିକ, ସୁଶାନ୍ତ ଜେନା, ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ତୃପ୍ତିମୟୀ ଜେନା, ମିନତୀ ଧଳ, ସୋନାଲି ମହାନ୍ତି, ଚିନ୍ମୟୀ ଖୁଣ୍ଟିଆ, ଟିକି କିସ୍କୁଙ୍କ ସମେତ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ହାଟଡିହି ବିଡିଓ ରଞ୍ଜନ କୁମାର ପରିଡା ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେହିପରି ହାଟଡିହି ମହାବିଦ୍ୟାଳୟ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଉଦ୍‌ଯାପିତ

**ତେଲକୋଇ, ୧୧।୨(ସମିସ):** ବେଣାମୁଣ୍ଡାସ୍ଥିତ ଗୋପାଳଜୀଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ତାଲିମ ଶିବିର ମଙ୍ଗଳବାର ଅଧ୍ୟକ୍ଷ କଳ୍ପତରୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୁଯୋଡ଼ା ସରପଞ୍ଚ କୁମୁଦିନୀ ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟାପକ, ଅଣଶିକ୍ଷକ, ପ୍ରୋଗ୍ରାମ ଅଧିକାରୀ ବ୍ରହ୍ମାନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥଲା। ସୁଶ୍ରୀ ଅନୁସୂୟା ଦାଶ ମାଷ୍ଟର ଟ୍ରେନରଙ୍କ ତାଲିମରେ ଏହା ୮ ଦିନ ଧରି ଚାଲିଥିଲା। ୭୪ ଜଣ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ।

## ଜନ୍ମ ଦିନରେ ରକ୍ତଦାନ କଲେ ଯୁବ ସାମ୍ବାଦିକ




**ରାମଚନ୍ଦ୍ରପୁର, ୧୧।୨(ସମିସ):** ନିଜକୁ ସମାଜସେବାରେ ବ୍ରତୀ ରଖି ସଦାସର୍ବଦା ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଆସୁଥିବା ନିର୍ଭୀକ ଯୁବ ସାମ୍ବାଦିକ ଉମାକାନ୍ତ ସାହୁ ନିଜ ୩୨ତମ ଜନ୍ମଦିନରେ ଆନନ୍ଦପୁର ଉପଖଣ୍ଡ ରକ୍ତଭଣ୍ଡାରରେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ଏକ ୟୁନିଟ ରକ୍ତଦାନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଅନ୍ୟର ଜୀବନ ବଞ୍ଚାଇବାରେ ଛୋଟିଆ ପ୍ରୟାସ କରିଥିବାରୁ ପ୍ରେସକ୍ଲବ ସଭାପତି ନାରାୟଣ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ଦିଲ୍ଲୀପ ମିଶ୍ର, ଗତିକୃଷ୍ଣ ଭୂୟାଁ, ସତ୍ୟଜିତ ସାହୁ, ରାଜିବଲୋଚନ ସାହୁ, ଅବିନାଶ ଶତପଥୀ, ରାଜକିଶୋର ଦାସ, ଉପେନ୍ଦ୍ର ସାହୁ ସମେତ ଅନେକ ସାମ୍ବାଦିକ ଉମାକାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ନନ୍ଦିପଦା ଥାନାରେ ଶିକ୍ଷାନବୀଶ ଅଧିକାରୀ



**ସୋସୋ,୧୧।୨(ସମିସ):** ହାଟଡିହି ବ୍ଲକର ନନ୍ଦିପଦା ଥାନାରେ ଆଇପିଏସ ଅଧିକାରୀ ରାକେଶ କୁମାର ସାହୁ ନୂତନ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି। ସେ ଏଠାରେ ୩ ମାସ ଧରି ଟ୍ରେନିଙ୍ଗ୍‌ରେ ରହିବେ। ତାଙ୍କର ଏଭଳି ଯୋଗଦାନକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ କିଛି ମାଫିଆ ଓ ଅସାମାଜିକ ବ୍ୟକ୍ତିଙ୍କ ମନରେ ଛାନିଆ ପଶିଥିବା ଚର୍ଚ୍ଚା ହେଉଛି।

## ଶାସଙ୍ଗରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ



**ହାଟଡିହୀ,୧୧।୨(ସମିସ):** ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଶାସଙ୍ଗ ଗ୍ରାମରେ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆଜିଠାରୁ ଆରମ୍ଭ ହୋଇଛି। ପଣ୍ଡିତ ପଦ୍ମନାଭ ପଣ୍ଡା, ଶଶିକାନ୍ତ ମିଶ୍ର, କୃପାସିନ୍ଧୁ ପାଢୀ ଓ ଧରଣୀଧର ଦ୍ୱିବେଦୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି। ବୁଧବାର ଗୀତାଯଜ୍ଞ, ଗୁରୁବାର ଶିଖରେଶ୍ୱରଙ୍କ ମନ୍ଦିରରେ ରୁଦ୍ରାଭିଷେକ ସହ ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ଏଥିରେ କୀର୍ତ୍ତନ ସହ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ତପୋଧନ ସ୍ୱାଇଁ, କୁମୁଦିନୀ ସାମଲ, ଦୁର୍ଯ୍ୟୋଧନ ବିଶ୍ୱାଳ, ଖଗେଶ୍ୱର ବାରିକ, ସୁବୋଧ ଆୟଚ, ପର୍ଶୁରାମ ନାୟକ, ବୀରଭଦ୍ର ବିଶ୍ୱାଳ, ମଧୁସୂଦନ ସୁବୁଦ୍ଧି, ଜଗନ୍ନାଥ ବିଶ୍ୱାଳ, ଦର୍ପଦଳନ ଆଚାର୍ଯ୍ୟ, ସୁଧାଂଶୁ ଆୟଚ, ମାନସ ପାଢ଼ୀ, ରବି ନାରାୟଣ ବେହେରା, ସନ୍ତୋଷ କୁଅଁର, କାର୍ତିକେଶ୍ୱର ପ୍ରଧାନ ପ୍ରମୁଖ କର୍ତ୍ତା ଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଜଳଯୋଗାଣ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଧାରଣା ଆଜିଠୁ

**କେନ୍ଦୁଝର, ୧୧।୨(ସମିସ)**

କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଏସ୍‌ଇଏମ୍ ଓ ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀମାନେ ଫେବୃଆରୀ ୧୨ ତାରିଖ ବୁଧବାରଠାରୁ ୧୦ ଦଫା ଦାବିରେ ଅନିର୍ଦ୍ଦିଷ୍ଟ

### ୧୦ ଦଫା ଦାବି

କାଳ ପର୍ଯ୍ୟନ୍ତ ଧାରଣା ଓ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଜଣାପଡିଛି। ଗତମାସ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ପର୍ଯ୍ୟନ୍ତ ଏହି ଦାବି ପୂରଣ ହୋଇ ନଥିବାରୁ ୧୨ ତାରିଖଠାରୁ କାର୍ଯ୍ୟବନ୍ଦକୁ ଓହ୍ଲାଉଥିବା ସେମାନେ ପ୍ରକାଶ କରିଛନ୍ତି। ସଂପୃକ୍ତ କର୍ମଚାରୀମାନେ ମାସିକ ପାରିଶ୍ରମିକ ୫୦୦ ଟଙ୍କାରୁ ଆରମ୍ଭ କରି ୧୦୦୦ ଟଙ୍କା, ୧୬୦୦ ଟଙ୍କା, ୨୦୦୦ ଟଙ୍କା ଏବଂ ବର୍ତ୍ତମାନ ୩୨୫୦ ଟଙ୍କା ପାଉଛନ୍ତି।



କର୍ମଚାରୀମାନେ ନଳକୂପ ମରାମତି କାରିଗର ଓ ପମ୍ପ ଚାଳକ ମାନେ ଦୀର୍ଘ ୨୬ ବର୍ଷ ଧରି ଦୈନିକ ୮ରୁ ୧୨ ଘଣ୍ଟା ଗ୍ରାମୀଣ ପାନୀୟ ଜଳ ଯୋଗାଣ କରି ଆସୁଛନ୍ତି। କୁଶଳୀ କାରିଗରର ଦରମା ପ୍ରଦାନ, ନଳକୂପ କାରିଗର ଓ ପମ୍ପ ଚାଳକମାନଙ୍କୁ ଜଳଜୀବନ ମିଶନ ମେଗା ପ୍ରକଳ୍ପରେ ନିୟମିତ ନିଯୁକ୍ତି ପ୍ରଦାନ, ଖାଲି ପଡିଥିବା ପଦରେ ନଳକୂପ କାରିଗର ଓ ପମ୍ପ ଚାଳକମାନଙ୍କୁ ନିଯୁକ୍ତି ପ୍ରଦାନ, କାର୍ଯ୍ୟ କରୁଥିବା ସମୟରେ କୌଣସି କର୍ମଚାରୀ ଦୁର୍ଘଟଣାଜନିତ ମୃତ୍ୟୁରେ ପରିବାରକୁ ୨୦ ହଜାର ଟଙ୍କା, ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ ଆଦି ଦାବି ରହିଛି। ମଙ୍ଗଳବାର ଦିନ ଏ ସଂପର୍କରେ ସଦର ବ୍ଲକର ପମ୍ପ ଚାଳକ ଓ ଏସ୍‌ଇଏମ୍‌ଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ସଦର ବିଡିଓଙ୍କୁ ପ୍ରଦାନ କରାଯାଇଛି।

